

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





## ଇଡୁକ୍କିରେ ଭୂସ୍ଖଳନ :୩ ମୃତ, ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା :



### ୮ ଜିଲ୍ଲାରେ ରେଡ୍ ଆଲର୍ଟ ଜାରି କଲା ଆଇଏମଡି

ଇଡୁକ୍କି,୧/୮ : କେରଳରେ ମୌସୁମୀ ଭୟଙ୍କର ରୂପ ଦେଖାଇବା ଆରମ୍ଭ କରିଛି । ଗତ କିଛି ଦିନ ଧରି ପ୍ରବଳ ବର୍ଷା ରାଜ୍ୟର ଅନେକ ସ୍ଥାନରେ ସଙ୍କଟ ସୃଷ୍ଟି କରିଛି । ପ୍ରବଳ ବର୍ଷା ଯୋଗୁଁ କେନ୍ଦ୍ରୀୟ କେରଳର ଅନେକ ଜିଲ୍ଲାରେ ବନ୍ୟା ଏବଂ ଭୂସ୍ଖଳନର ଘଟଣା ଦେଖିବାକୁ ମିଳୁଛି । ଏହାଯୋଗୁଁ ଏପର୍ଯ୍ୟନ୍ତ ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି । ପରିସ୍ଥିତି ଖରାପ ହେଉଥିବା ଦେଖି ପ୍ରଶାସନ ପକ୍ଷରୁ ଅନେକ ଅଂଚଳରେ ହାଇ ଆଲର୍ଟ ଜାରି କରାଯାଇ ।ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଇଡୁକ୍କି ଜିଲ୍ଲାରେ ଶନିବାର ଭୋର୍ ସମୟରେ ଆଦୁରମାଲା ଅଂଚଳରେ ଭୂସ୍ଖଳନ ଏକ ସୁଖୀ ପରିବାରକୁ ଉଜାଡ଼ି ଦେଇଛି । ପାହାଡ଼ରୁ ଭୂସ୍ଖଳନ ମାଟି ପଡ଼ିବା ଫଳରେ ସୁମତି ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ରିପୋର୍ଟ ଅନୁଯାୟୀ, ସେମାନଙ୍କ ଘର ଉପରେ ମାଟି ଧସି ପଡ଼ିଥିଲା । ସ୍ଥାନୀୟ ଲୋକ ଏବଂ ଉଦ୍ଧାରକାରୀ ଦଳଙ୍କ ତୁରନ୍ତ ପ୍ରୟାସ ଯୋଗୁଁ ସୁମତିଙ୍କ ସ୍ୱାମୀ ରବି ଏବଂ ତାଙ୍କ ପୁଅକୁ ସୁରକ୍ଷିତ ଭାବରେ ବାହାର କରାଯାଇଛି । ସେମାନେ ଗୁରୁତର ଆହତ ହୋଇଥିବାରୁ ଚିକିତ୍ସାଲାଗି ଥୋଡୁପୁଝାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରବଳ ବର୍ଷାର ତାଣ୍ଡବ ଯୋଗୁଁ ଇଡୁକ୍କି ଏବଂ ଆଖପାଖ ଅଂଚଳରେ ନଦୀଗୁଡିକରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ପୁଲାକାୟାର ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କୋକ୍କାୟାର ତଳ ବ୍ରିଜ୍ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି । କଟ୍ଟାପ୍ପାନା-ଭାଜଭାରା ରାସ୍ତାରେ ବମଳଟି ଆବର୍ଜନା ଯୋଗୁଁ ଯାତାୟାତ ଅବରୋଧ ହୋଇଛି । ଏନଏଚ-୧୮୩ ରେ ପାଣି ଜମି ରହିବା ଯୋଗୁଁ ଯାତାୟାତ ମଧ୍ୟ ବନ୍ଦ ହୋଇଯାଇଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତା ସ୍ୱରୂପ ଛୋଟ ଡ୍ୟାମ୍‌ର ଗେଟ୍ ଖୋଲିବାକୁ ନିଷ୍ପତି ନେଇଛନ୍ତି । ପଡ଼ୋଶୀ କୋଟ୍ଟାୟମ ଜିଲ୍ଲାର ପରିସ୍ଥିତି ମଧ୍ୟ ନିୟନ୍ତ୍ରଣ ବାହାରକୁ ଯାଇଛି । ଏରାଟ୍ଟୁପେଟା, କାଞ୍ଜିରାପାଲି ଏବଂ କୁଟିକାଲ ଭଳି ଆବାସିକ ଅଂଚଳଗୁଡ଼ିକ ପାଣିରେ ବୁଡ଼ି ରହିଛି । ଉଦ୍ଧାରକାରୀମାନେ ଅନେକ ଘରର ଉପର ମହଲାରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରିଛନ୍ତି । ପୁଞ୍ଜାରର ପାୟାନିଥୋଟ୍ଟୁରେ ମଧ୍ୟ ଭୂସ୍ଖଳନ ହୋଇଥିବାର ଖବର ମିଳିଛି, ଯେଉଁଠାରେ କିଛି ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ), ଅଗ୍ନିଶମ ବିଭାଗ ଏବଂ ପୁଲିସ ଯୁଦ୍ଧକାଳୀନ ଭିତିରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଆଗାମୀ ଦିନର ପାଗ କେରଳ ପାଇଁ ଆହୁରି ଗୁରୁତର ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି । ପଠାଣମଥିଟ୍ଟା, କୋଟ୍ଟାୟମ, ଇଡୁକ୍କି, ମାଲାପ୍ପୁରମ, କୋଝିକୋଡ, ୱାୟାନାଡ, କନ୍ନୁର ଏବଂ କାସରଗୋଡ ସମେତ ଆଠଟି ଜିଲ୍ଲାକୁ ଆଇଏମଡି ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଏହି ଅଂଚଳଗୁଡ଼ିକରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହା ସହିତ, ଏର୍ଣ୍ଣାକୁଲମ ଏବଂ ତ୍ରିସୁର ଭଳି ଜିଲ୍ଲାଗୁଡ଼ିକରେ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ସୁରକ୍ଷା ଦୃଷ୍ଟିରୁ ଅନେକ ଜିଲ୍ଲାରେ ସ୍କୁଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି । କର୍ତ୍ତୃପକ୍ଷ ସମ୍ବେଦନଶୀଳ ଅଂଚଳ, ବିଶେଷକରି ପାହାଡିଆ ଅଂଚଳର ବାସିନ୍ଦାମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛନ୍ତି । ନଦୀ ନିକଟରେ ଏବଂ ଭୂସ୍ଖଳନ ପ୍ରବଣ ଅଂଚଳରେ ରହୁଥିବା ଲୋକଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି ।

## ହୀରାକୁଦରେ ବଢୁଛି ଜଳସ୍ତର, ଖୋଲା ରହିଛି ୨୨ଟି ଗେଟ୍

ସମ୍ବଲପୁର,୧/୮(ନି/ପ୍ର): ରାଜ୍ୟରେ ଲଗାଣ ବର୍ଷା ପରେ ମହାନଦୀ ଉପରମୁଣ୍ଡରୁ ଜଳପ୍ରବାହ ବୃଦ୍ଧି ପାଇବା ସହ ହୀରାକୁଦ ଡ୍ୟାମର ଜଳସ୍ତର ବଢୁଛି । ସୋମବାର ସକାଳ ସୁଦ୍ଧା ହୀରାକୁଦ ଡ୍ୟାମର ଜଳସ୍ତର ୬୨୫.୪୭ ଫୁଟ ରେ ପହଂଚିଛି ।ସରକାରୀ ସୂଚନା ଅନୁସାରେ, ପ୍ରତି ସେକେଣ୍ଡରେ ୪,୨୫,୭୪୩ କ୍ୟୁସେକ ଜଳ ଡ୍ୟାମକୁ ପ୍ରବେଶ କରୁଥିବାବେଳେ ଡ୍ୟାମରୁ ୩,୧୩,୧୬୫ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି । ବର୍ତ୍ତମାନ ହୀରାକୁଦ ଡ୍ୟାମର ୨୨ଟି ଗେଟ ଖୋଲା ରଖାଯାଇ ବନ୍ୟା ଜଳ ନିଷ୍କାସନ ଜାରି ରହିଛି ।

## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com

## ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ସମୀକ୍ଷା

ଭୁବନେଶ୍ୱର,୧/୮(ନି/ପ୍ର): ରାଜ୍ୟର ଅଧିକାଂଶ ସ୍ଥାନ ବନ୍ୟାରେ ଉବୁଟୁବୁ । ବିଭିନ୍ନ ସ୍ଥାନରେ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଏହାମଧ୍ୟରେ ଶନିବାର ପୂର୍ବାହ୍ନରେ ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି । ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁରର ସ୍ଥିତି ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସଆରସି ଉପସ୍ଥିତ ରହିଥିଲେ । ବନ୍ୟା ସ୍ଥିତି ପ୍ରସଙ୍ଗରେ ପଚାଂୟତିରାଜ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ଗ୍ରାମ୍ୟ ଉନ୍ନୟନ ଓ ପଚାଂୟତରାଜ ବିଭାଗର କ୍ଷୟକ୍ଷତି ରିପୋର୍ଟ ମାଗିଛନ୍ତି । ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ । ପଚାଂୟତରାଜ ବିଭାଗର ଅଧିକାରୀଙ୍କୁ ତଳ ସ୍ତରକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାଣି ଟାଙ୍କି ସହ ମୋବାଇଲ ଭ୍ୟାନର ବ୍ୟବସ୍ଥା କରାଯାଇଛି । ବନ୍ୟାରେ ୪.୮୮ ଲକ୍ଷ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି । ୯ ଜିଲ୍ଲାର ୪ ଲକ୍ଷ ୮୮ ହଜାର ଗୃହପାଳିତ ପଶୁ ବନ୍ୟା ପ୍ରଭାବିତ ହୋଇଛନ୍ତି । ଏନେଇ ସୂଚନା ଦେଲେ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ୫୮ ଭେଟେନାରୀ ଟିମ୍ ନିୟୋଜିତ ରହିଛନ୍ତି ।

## ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର,୧/୮(ନି/ପ୍ର): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ । ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଂଚଳର ଅନେକ ଗାଁ ପାଣି ଘେରରେ ଅଛି । ପରିସ୍ଥିତି ଧିରେ ଧିରେ ସୁଧୁରୁଛି । ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି । ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର



ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଂଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦିଆଯାଇଛି ।

## ଆସନ୍ତା ୩ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧/୮(ନି/ପ୍ର): ଆସନ୍ତା ୩ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଅଗଷ୍ଟ ୩ରୁ ୫ ତାରିଖ ଯାଏଁ ରହିବ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ । ଭୁବନେଶ୍ୱର ଓ କଟକରେ ରହିଛି ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ । ୩ ତାରିଖରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିବେ ରାଷ୍ଟ୍ରପତି । ଏହାପରେ ୪ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନରୁ ଟ୍ରେନ୍ ଯୋଗେ ବ୍ରହ୍ମପୁର ଗସ୍ତ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏୟାରପୋର୍ଟଠାରୁ ରେଲୱେ ଷ୍ଟେସନ ଏବଂ ରୁଟ୍ ପର୍ଯ୍ୟନ୍ତ ସବୁଠି ରହିବ କଡ଼ା ସୁରକ୍ଷା । ରୁଟ୍ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଡିଏସ୍‌ପି ରାଙ୍କର ଅଧିକାରୀଙ୍କ ସହ ଏସ୍‌ପି ଓ ଏସ୍‌ପି ରାଙ୍କର ଅଧିକାରୀମାନେ ନିୟୋଜିତ ରହିବେ । ସୁରକ୍ଷା ବ୍ୟବସ୍ଥାର ସମସ୍ତ ଦିଗକୁ ନିଜେ ନଜରରେ ରଖିବେ ପୋଲିସ କମିଶନର ଦେବଦତ ସିଂ । ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରୁଖୁରୁରେ ପରିଚାଳନା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ । ଏହାକୁ ନେଇ ଭୁବନେଶ୍ୱର ରେଳ ଷ୍ଟେସନରେ ଆଜି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୋଲିସ କମିଶନର ଦେବଦତ ସିଂ ।

## ରାଫେଲ କି ବ୍ରହ୍ମୋସ ନୁହେଁ, ଡ଼ିଆରଡ଼ିଓର ନୂଆ ମିଶନକୁ ନେଇ ବଢ଼ିଲା ଚର୍ଚ୍ଚା

ନୂଆଦିଲ୍ଲୀ, ୧।୮ : ଭାରତ ଏପରି ଏକ ଅତ୍ୟାଧୁନିକ ପ୍ରତିରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରୁଛି, ଯେଉଁଥିରେ ରାଫେଲ୍ ଯୁଦ୍ଧ ବିମାନ କିମ୍ବା ବ୍ରହ୍ମୋସ୍, ଅଗ୍ନି-୫ ଭଳି କ୍ଷେପଣାସ୍ତ୍ରର ଆବଶ୍ୟକତା ପଡ଼ିବ ନାହିଁ । ତଥାପି ଶତ୍ରୁ ଶିବିରରେ ଏଭଳି ଧ୍ୱଂସଲୀଳା ସୃଷ୍ଟି ହେବ ଯେ ସେମାନଙ୍କର ମେରୁଦଣ୍ଡ ଭାଙ୍ଗିଯିବ । ପ୍ରକୃତରେ, ଭାରତ ଡ୍ରୋନ୍ ଯୁଦ୍ଧ ଉପରେ ନିଜର ଫୋକସ୍ ବୃଦ୍ଧି କରିଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ଏଭଳି ଏକ ଅତ୍ୟାଧୁନିକ ଡ୍ରୋନ୍ ସିଷ୍ଟମ ବିକଶିତ କରିବାକୁ ଯାଉଛି, ଯାହାକୁ ଶତ୍ରୁଧ୍ୱଂସ କରିବା ଅସମ୍ଭବ ହୋଇପଡ଼ିବ । ଏହି ପ୍ରକଳ୍ପର ନାଁ 'ଡେଭଲପମେଂଟ ଅଫ୍ କ୍ଲୋଜ୍ ଫରମେସନ୍ ଫ୍ଲାଇଂ ଅଫ୍ ମଲ୍ଟିପଲ୍



ଡ୍ରୋନ୍ସ' ରଖାଯାଇଛି । ଡ଼ିଆରଡ଼ିଓ ଦେଶର ଷ୍ଟାର୍ଟଅପ୍ ଏବଂ ଏମଏସଏମଇ ଗୁଡ଼ିକୁ ଏହି ଅତ୍ୟାଧୁନିକ ସାମରିକ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ବିକଶିତ କରିବା ପାଇଁ ଆମନ୍ତ୍ରଣ କରିଛି । 'ଟେକ୍ନୋଲୋଜି ଡେଭଲପମେଂଟ ପାଣ୍ଠି' ଯୋଜନା ଅଧିନରେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପରେ ବଡ଼ ସାର୍ବଜନୀନ କ୍ଷେତ୍ରର ଉପକ୍ରମଗୁଡ଼ିକୁସାମିଲ କରାଯାଇ ନାହିଁ, ଯାହାଫଳରେ ତୃଣମୂଳ ସ୍ତରର ଇନୋଭେସନ୍ ଏବଂ ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପକୁ ପ୍ରୋତ୍ସାହନ ମିଳିପାରିବ । ଏହି ପ୍ରଣାଳୀରେ ଗୋଟିଏ 'ମାଷ୍ଟର ଡ୍ରୋନ୍' ରହିବ, ଯାହା ଅନ୍ୟ ୪୯ଟି 'ସ୍ଲେଭ୍ ଡ୍ରୋନ୍' କୁ ନିୟନ୍ତ୍ରଣ କରିବ । ସମସ୍ତ ୫୦ଟି ଡ୍ରୋନ୍ ପରସ୍ପରଠାରୁ ମାତ୍ର ଅଧା ମିଟର ଅର୍ଥାତ୍ ୫୦୦ ମିଲିମିଟର ଦୂରତାରେ ରହି ସଠିକ୍ ଭାବରେ ଉଡ଼ାଣ ଭରିବେ ଏବଂ ପରସ୍ପର ସହ ଧକ୍କା ହେବେ ନାହିଁ । ଶତ୍ରୁପକ୍ଷ ଯୋଗାଯୋଗ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରିବାକୁ ଚେଷ୍ଟା କଲେ ମଧ୍ୟ ଏହି ଡ୍ରୋନ୍ ଗୁଡ଼ିକ ଅତ୍ୟନ୍ତ ସୁରକ୍ଷିତ ଏବଂ ଜାମ୍-ପ୍ରୁଫ୍ କମ୍ୟୁନିକେସନ୍ ସିଷ୍ଟମ ଦ୍ୱାରା ପରିଚାଳିତ ହେବେ । ଏହି ଡ୍ରୋନ୍ ଗୁଡ଼ିକ ୫ ହଜାର ମିଟର ପର୍ଯ୍ୟନ୍ତ ଉଚ୍ଚ ପାର୍ବତ୍ୟ ଅଂଚଳରେ ଏବଂ ୨୦ ମିଟର ପ୍ରତି ସେକେଣ୍ଡ ବେଗରେ ବହୁଥିବା ଦ୍ରୁତ ପବନରେ ମଧ୍ୟ ସ୍ଥିର ରହି କାର୍ଯ୍ୟ କରିପାରିବେ । ପ୍ରତ୍ୟେକ ଡ୍ରୋନ୍ ୨ କିଲୋଗ୍ରାମ ପର୍ଯ୍ୟନ୍ତ ପେଲୋଡ୍ ବୋହିପାରିବ । ଏହାର ବ୍ୟାଟେରୀ ଅତିକମ୍‌ରେ ୩୦ ମିନିଟ୍ ଧରି ଉଡ଼ାଣ ଭରିବା ସହ ମାତ୍ର ୧୫ ମିନିଟ୍ ମଧ୍ୟରେ ପୁନଃ ଚାର୍ଜ ହୋଇପାରିବ ।

## ଦୀପାବଳି ସୁଦ୍ଧା ତୁଟିବ ମହାନଦୀ କଳି, ୧୦ ବର୍ଷର ବିବାଦରେ ପଡ଼ିବ ପୂର୍ଣ୍ଣଚ୍ଛେଦ

ଭୁବନେଶ୍ୱର, ୧/୮(ନି/ପ୍ର) : ଦୀପାବଳି ସୁଦ୍ଧା ତୁଟିବ ମହାନଦୀ କଳି । ୧୦ ବର୍ଷର ବିବାଦରେ ପଡ଼ିବ ପୂର୍ଣ୍ଣଚ୍ଛେଦ । ମହାନଦୀ ଜଳ ବିବାଦର ସମାଧାନ ନେଇ ପୁଣି ଆଶା ଦୋହରାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେ କହିଛନ୍ତି ଯେ, ଦିଲ୍ଲୀ ବୈଠକରେ ଛତିଶଗଡ଼ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି । ଓଡ଼ିଶାର ସ୍ୱାର୍ଥ, ଅଧିକାର, ଚାଷୀକୂଳର ହିତକୁ ଗୁରୁତ୍ୱ ଦିଆଯାଇଛି । ଟେକ୍ନିକାଲ୍ ଟିମ୍ ୩ ମାସ ମଧ୍ୟରେ ବିସ୍ତୃତ ଭାବେ ଆଲୋଚନା କରିବେ । କୌଣସି ରାଜ୍ୟର ସ୍ୱାର୍ଥକୁ ବଳି ଦିଆଯିବନି ବୋଲି ଜଳଶକ୍ତି ମନ୍ତ୍ରୀ କହିଛନ୍ତି । ସେଣ୍ଟ୍ରାଲ ୱାଟର କମିଶନ ମଧ୍ୟସ୍ଥତାରେ ଆଗକୁ ଆଲୋଚନା ଜାରି ରହିବ ।

## ପୁଣି ଇରାନ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ଆମେରିକା



ୱାସିଂଟନ,୧/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ପୁଣି ଥରେ ଆକ୍ରମଣ ପାଇଁ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟରେ ଆମେରିକୀୟ ଅଧିକାରୀଙ୍କ ସୂଚନା ଆଧାରରେ କୁହାଯାଇଛି ଯେ, ଏହିଆକ୍ରମଣ ଚଳିତ ସପ୍ତାହାନ୍ତ ସୁଦ୍ଧା କରାଯାଇପାରେ । ରିପୋର୍ଟ ଅନୁଯାୟୀ, ଏହି ସାମରିକ କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଇରାନ ଉପରେ ଯଥେଷ୍ଟ ଚାପ ପକାଇବା ଯାହା ଦ୍ୱାରା ତେହେରାନ ଆମେରିକାର ସର୍ତ୍ତ ଅନୁଯାୟୀ ଆଲୋଚନା କରିବାକୁ ରାଜି ହେବ । ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ଇରାନ ସହିତ ଚାଲିଥିବା କୂଟନୈତିକ ପ୍ରୟାସ ଉପରେ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଜୋର୍ଡାନରେ ଆମେରିକୀୟ ସେନା ଘାଟି ଉପରେ ଆକ୍ରମଣ ପରେ ଇରାନ ଉପରେ ଆକ୍ରମଣ ଜାରି ରହିଛି । ଆମେ ସେମାନଙ୍କ ଉପରେ ଜୋରଦାର୍ ଆକ୍ରମଣ କରିବୁ । ଏପରି ଏକ ସମୟ ଆସିବ ଯେତେବେଳେ ସେମାନେ କହିବେ ଯେ, ଆମେ ଆଉ ସହ୍ୟ କରିପାରିବୁ ନାହିଁ । ମେରିଲ୍ୟାଣ୍ଡର କ୍ୟାମ୍ପ ଡେଭିଡରେ ଏକ କ୍ୟାବିନେଟ ବୈଠକ ସମୟରେ ଟ୍ରମ୍ପ ଏପରି କହିଛନ୍ତି । ଅପରପକ୍ଷରେ ଇରାନୀ ନେତୃତ୍ୱ କହିଛନ୍ତି ଯେ, ଆମେରିକୀୟ ଅଧିକାରୀମାନେ ପୂର୍ବ ପ୍ରତିଶ୍ରୁତି ପାଳନ କରିନାହାନ୍ତି ଏବଂ ତେଣୁ ସେମାନଙ୍କୁ ବିଶ୍ୱାସ କରାଯାଇପାରିବ ନାହିଁ । କଲମ୍ବିଆ ବ୍ରଡକାଷ୍ଟିଂ ସିଷ୍ଟମ(ସିବିଏସ) ରିପୋର୍ଟରେ ଦାବି କରାଯାଇଛି ଯେ, ଆମେରିକା ଇରାନର ଶକ୍ତି ଭିତିଭୂମି, ଯେପରିକି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଏବଂ ପେଟ୍ରୋଲିୟମ୍ ରିଫାଇନାରୀ ଉପରେ ଆକ୍ରମଣ କରିବାର ବିକଳ୍ପ ଉପରେ ମଧ୍ୟ ବିଚାର କରୁଛି । ତେବେ ମାନବାଧିକାର ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକ କହିଛନ୍ତି ଯେ, ଜାଣିଶୁଣି ନାଗରିକ ଭିତିଭୂମିକୁ ଟାର୍ଗେଟ କରିବା ଯୁଦ୍ଧ ଅପରାଧ ଭାବରେ ବିବେଚନା କରାଯାଇପାରେ । ସିବିଏସ୍ ରିପୋର୍ଟ ପରେ ପଶ୍ଚିମ ଟେକ୍ସାସ ଇଂଟରମିଡିଏଟ୍ (ଡବ୍ଲୁଟିଆଇ) ଅଶୋଧିତ ତୈଳର ଦର ପ୍ରତି ବ୍ୟାରେଲ ୮୬ ଆମେରିକୀୟ ଡଲାରରୁ ଅଧିକ ହୋଇଛି । ଏହା ବିଶ୍ୱ ଶକ୍ତି ବଜାରରେ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ ରିପୋର୍ଟର ପ୍ରତିକ୍ରିୟା ଦେଇ କହିଛନ୍ତି,ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଆଲୋଚନା ଟେବୁଲକୁ ନ ଆସେ, ତେବେ ବହୁ ମୂଲ୍ୟ ଦେବାକୁ ପଡିବା। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଟ୍ରମ୍ପ ବାରମ୍ବାର ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ କିନ୍ତୁ ପରେ ଯୁଟର୍ଣ୍ଣ ନେଉଥିଲେ । ଇରାନ ଯୁଦ୍ଧ ଯୋଗୁଁ ଆମେରିକାର ସାମରିକ ଅସ୍ତ୍ରାଗାର, ବିଶେଷକରି ସାମରିକ ଘାଟିଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ବାୟୁ ପ୍ରତିରକ୍ଷା ଇଟଂରସେପ୍ଟରଗୁଡ଼ିକର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । କ୍ରମାଗତ ଭାବରେ ବଢୁଥିବା ସାମରିକ ଉତ୍ତେଜନା ବିଶ୍ୱଶକ୍ତି ବଜାର ଉପରେ ମଧ୍ୟ ପ୍ରଭାବ ପକାଉଛି ।

## ସୁନ୍ଦରଗଡ଼ ଜିଲ୍ଲାରେ ଦନ୍ତା ଆତଙ୍କ, ଆକ୍ରମଣରେ ୨ ମୃତ



କୋଇଡା/ବୀରମିତ୍ରପୁର,୧/୮(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ହାତୀ ଆତଙ୍କ । ଦନ୍ତା ଆକ୍ରମଣରେ ୨ ମୃତ । ଆଜି ସକାଳୁ ଏଭଳି ଦୁଇଟି ଘଟଣା ସାମ୍ନାକୁ ଆସିଛି । ଗୋଟିଏ କୋଇଡା ବନାଚଂଳରେ ଓ ଅନ୍ୟଟି ବୀରମିତ୍ରପୁର ଅଂଚଳରେ ଘଟିଛି । କୋଇଡା ବନାଚଂଳର ତେନ୍ତୁଳଡିହି ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ସମ୍ବାରୀ ମୁଣ୍ଡା (୬୦) ଓ ତାଙ୍କ ଝିଅ, ନାତୁଣୀ ନିଜ ଘରୁ ପରିସ୍ରା କରିବାକୁ ବାହାରୁଥିବା ବେଳେ ଏକ ଦନ୍ତା ହାତୀ ହଠାତ୍ ସାମ୍ନାକୁ ଆସିଥିଲା । ଜୀବନ ବିକଳରେ ଯିଏ ଯୁଆଡେ ପାରିଲେ ଦୌଡ଼ିବାକୁ ଚେଷ୍ଟା କରିଥିଲେ, ହେଲେ ସମ୍ବାରୀ ଖସି ପାରିନଥିଲେ ଯାହା ଫଳରେ ଶୁଣ୍ଢରେ ଟାଣି ଆଣି ଦଳି ଦେଇଥିଲା ଓ ତାଙ୍କ ଝିଅ ବାଲମା ଝୁଟିଂ ଯାଇ ଆହତ ହୋଇଥିଲେ । ଲୋକେ ଦେଖିବା ପରେ ଦନ୍ତାକୁ ଘଉଡ଼ାଇ ସହ ସମ୍ବାରୀଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ, ଯେଉଁଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ କ୍ଷତିପୂରଣ ଦାବିରେ ପରିବାର ଓ ଗ୍ରାମବାସୀ । ଏଣେ ବୀରମିତ୍ରପୁରର କୁସୁମଟୋଲିରେ ପ୍ରାତଃଭ୍ରମଣ କରୁଥିବା ବେଳେ ଜଣଙ୍କର ଜୀବନ ନେଇଛି ହାତୀ । ମୃତକ ହେଲେ ରାମଚନ୍ଦ୍ର ଗୌଡ଼ ।) ବୀରମିତ୍ରପୁର ବନରେଞ୍ଜ ଅନ୍ତର୍ଗତ ହତିବାରି ଫରେଷ୍ଟ ସେକ୍ସନର ଓଲ୍ଲାଣି ଗ୍ରାମରେ ଜଙ୍ଗଲୀ ହାତୀପଲଙ୍କ ଆକ୍ରମଣରେ କୁସୁମଟୋଲି ବସ୍ତି ବାସିନ୍ଦା ରାମଚନ୍ଦ୍ର ଗୌଡ଼(୬୦) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି ! ମିଳିଥିବା ସୂଚନା ଅନୁଯାୟୀ, ଗତ କେତେଦିନ ହେଲା ଜଙ୍ଗଲୀ ହାତୀପଲ ବିଶ୍ରା, କୁଆଁରମୁଣ୍ଡା ଓ ବୀରମିତ୍ରପୁର ରେଞ୍ଜରେ ଆତଙ୍କରାଜ ଚଳାଇ ଆସିଥିବା ବେଳେ ୨୮ଟିକିଆ ହାତୀପଲ ହାତିବାରି ପଚାଂୟତର ଧୂମାଗାଢା ଜଙ୍ଗଲରେ ରହିଥିବା ଖବରପାଇ ବୀରମିତ୍ରପୁର ରେଞ୍ଜର ସୁଦେଷ୍ଣା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ହତିବାରି ଫରେଷ୍ଟର ସୁଶୀଲ କେରକେଟ୍ଟାଙ୍କ ତତ୍ତ୍ୱାବଧାନରେ ବନ ବିଭାଗର ଟିମ ଗତକାରୀ ରାତିରେ ହାତୀପଲଙ୍କୁ ଘୋଉଡାଇ କର୍କଟନାସା ପଚାଂୟତର ବରପାନି ଜଙ୍ଗଲ ନେଉଥିବା ବେଳେ ଦୁଇଟି ଦନ୍ତାହାତୀ ଫେରିଆସି ଓଲ୍ଲାଣି ବସ୍ତି ନିକଟରେ ବୁଲାବୁଲି କରୁଥିଲେ ! ଭୋର ପ୍ରାୟ ପାଚଂଟା ସମୟରେ ଓଲ୍ଲାଣି କୁସୁମଟୋଲି ବସ୍ତିର ରାମଚନ୍ଦ୍ର ଗୌଡ଼ ବାହାରକୁ ଯାଇଥିବା ବେଳେ ସେ ଜଙ୍ଗଲୀ ହାତୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ! ହାତୀକୁ ଦେଖି ରାମଚନ୍ଦ୍ର ସେଠାରୁ ଦୌଡ଼ି ପଳାଇବା ପାଇଁ ଚେଷ୍ଟା କରିଥିଲେ ବି ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିଦେଇ ପାଦରେ ଦଳି ଦେଇଥିଲା ! ଘଟଣା ସ୍ଥଳରେ ହିଁ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା ! ଗ୍ରାମବାସୀ ଓ ହତିବାରି ଫରେଷ୍ଟର ସୁଶୀଲ କେରକେଟ୍ଟା ରାମଚନ୍ଦ୍ରଙ୍କୁ ଉଦ୍ଧାରକରି ହତିବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ! ସେଠାରେ ଡାକ୍ତର ତାଙ୍କୁ ମୃତବୋଲି ଘୋଷଣା କରିଥିଲେ ! ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ହାତିବାରି ଥାନାରେ ଲିଖିତ ଅଭିଯୋଗ ହେବାପରେ ଥାନା ଅଧିକାରୀ ଗୀତାଞ୍ଜଳି ମିର୍ଦ୍ଧା ଏକ ମାମଲା ରୁଜୁକରି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି !




# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ବନ୍ୟାରେ ଭାସିଗଲା ୩ କଟେଜ୍ ଓ ଅନ୍ୟ ଭିତିଭୂମି : ଦରଗୁଡ଼ିଶିଳା ନେଚର କ୍ୟାମ୍ପକୁ ଝଟ୍‌କା



କେନ୍ଦୁଝର,୧/୮(ନିପ୍ର) :କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରୁ ଦରଗୁଡ଼ିଶିଳା ଅନ୍ୟତମ। ଏହି ସ୍ଥାନର ବିକାଶ ପାଇଁ କେନ୍ଦୁଝର ବନ ବିଭାଗ ପକ୍ଷରୁ ଟେଂଟ ହାଉସ୍ ଓ ଗ୍ଲାସ୍ ହାଉସ୍ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ବୈତରଣୀ ବନ୍ୟା ଏହି ସ୍ୱପ୍ନକୁ ଧୂଳିସାତ୍ କରିଦେଇଛି। ଏଠାରେ ନିର୍ମାଣାଧୀନ ନେଚର କ୍ୟାମ୍ପ ବନ୍ୟାପାଣି ଦ୍ୱାରା କ୍ଷତିଗ୍ରସ୍ତ ହେବା ପରେ ପ୍ରକଳ୍ପର ଭବିଷ୍ୟତ ଓ ସ୍ଥାନ ଚୟନକୁ ନେଇ ପ୍ରଶ୍ନ ଉଠିଛି। ଶକ୍ତିପୀଠ ଘଟଗାଁ ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଦରଗୁଡ଼ିଶିଳା। ଘଂଟ ଅରଣ୍ୟ, ବୈତରଣୀ ନଦୀର ସ୍ୱଚ୍ଛ ଜଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହା ବେଶ୍ ପରିଚିତ। ଏଠାରେ ଜଙ୍ଗଲ ମଧ୍ୟ ଦେଇ ବୈତରଣୀ ନଦୀ ପ୍ରବାହିତ ହେଉଛି। ଶୀତଦିନେ ଏଠାରେ ବଣଭୋଜି ପାଇଁ ଲୋକଙ୍କ ସମାଗମ ହୋଇଥାଏ। ପର୍ଯ୍ୟଟନର ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ବନ ବିଭାଗ ପରିବେଶ ପର୍ଯ୍ୟଟନ (ଇକୋ-ଟୁରିଜିମ୍) ଯୋଜନାରେ ଦରଗୁଡ଼ିଶିଳାରେ ଟେଂଟ ହାଉସ୍ ଓ ଗ୍ଲାସ୍ ହାଉସ୍ ନିର୍ମାଣ କରି ପର୍ଯ୍ୟଟକଙ୍କ ରାତ୍ରିଯାପନର ବ୍ୟବସ୍ଥା କରିବାକୁ ପ୍ରସ୍ତୁତି ଚଳାଇଥିଲା। ଆସନ୍ତା ଏପ୍ରିଲ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶରେ ରହିବାର ସୁଯୋଗ ପାଇଥାନ୍ତେ। ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟମାନେ ଏହାର ପରିଚାଳନା କରି ଆର୍ଥିକ ସ୍ୱାବଲମ୍ବୀ ହେବେ ବୋଲି ଆଶା ରଖିଥିଲେ। ହେଲେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବୈତରଣୀର ବନ୍ୟା ଏହାକୁ କ୍ଷତି ପହଚାଇଛି। ନଦୀକୂଳରେ ନିର୍ମାଣାଧୀନ ନେଚର କ୍ୟାମ୍ପର ତିନିଟି କଟେଜ୍ ଓ ଅନ୍ୟ ଭିତିଭୂମି ବନ୍ୟାପାଣିରେ କ୍ଷତିଗ୍ରସ୍ତ ହୋଇଛି। କୋଟିକୋଟି ଟଙ୍କାର ସରକାରୀ ସମ୍ପତି ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ବନ୍ୟାପ୍ରବଣ ବୈତରଣୀ ନଦୀକୂଳରେ ନେଚର କ୍ୟାମ୍ପ ନିର୍ମାଣ କରାଯାଇଥିବାରୁ ଏଭଳି କ୍ଷତି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସ୍ଥାନ ଉପଯୁକ୍ତ ଥିଲା କି ନାହିଁ, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଅନେକଙ୍କ ମତରେ, ପ୍ରକଳ୍ପ ଆରମ୍ଭ ପୂର୍ବରୁ ବନ୍ୟା ବିପଦ ଓ ଭୂ-ପ୍ରାକୃତିକ ପରିସ୍ଥିତିର ଠିକ୍ ଆକଳନ କରାଯାଇଥିଲେ ଏଭଳି କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇପାରିଥାନ୍ତା।

## ନାଗରାପିଟା ନାଳରେ ଦଳ ଭର୍ତ୍ତି, ତହସିଲଦାରଙ୍କୁ ଭେଟିଲେ ଶତାଧିକ ଚାଷୀ

ଭଦ୍ରକ,୧/୮(ନିପ୍ର) : ତିହିଡ଼ି ବ୍ଲକ ମୁକୁନ୍ଦପୁର ପଂଚାୟତ ଅଧୀନରେ ଥିବା ନାଗରା ପିଟା ନାଳରେ ଗୁଡୁପାଳ ସ୍କୁଲ ଠାରୁ କାଁପଡା ଆରଡ଼ି ରାସ୍ତା ପର୍ଯ୍ୟନ୍ତ ଦଳ ଭର୍ତ୍ତି ହୋଇଛି। ଯେଉଁଥିପାଇଁ ପାଣି ତଳକୁ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ପଂଚାୟତର ୨ଟି ରାଜସ୍ୱ ଗ୍ରାମ ଆରସା ଓ ଗୁଡୁପାଳ ରୁଆଧାନ ଓ ତଳି ପାଣିରେ ବୁଡ଼ି ନଷ୍ଟ ହେବାକୁ ଯାଉଛି । ଚାଷୀ ମାନେ ସେବାସମୋବାୟ ସମିତିରୁ ଋଣ ଆଣି ଚାଷ କରିଥିଲେ ।ସେ କିପରି ଛାଡ଼ ହେବ ଚାଷୀ ମାନେ ଅନୁରୋଧ କରିଛନ୍ତି । ଏଥିରେ ଅସନ୍ତୋଷ ପ୍ରକାଶ କରି ବୁଧବାର ଆରସା ଓ ଗୁଡୁପାଳ ଗ୍ରାମର ଚାଷୀମାନେ ତିହିଡି ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ।

# ବିଜୁଳି କରେଂଟ ଲାଗି ଚାଲିଗଲା ଅଗ୍ନୀଶମ ବାହିନୀର କର୍ମଚାରୀଙ୍କ ଜୀବନ

କେନ୍ଦୁଝର,୧/୮(ନିପ୍ର): କେନ୍ଦୁଝରରେ ଦୁଇଦିନ ଧରି ଲଗାଣ ବର୍ଷାରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ରାସ୍ତା ଘାଟ ଘର ଦ୍ୱାର ସବୁଆଡ଼େ ପାଣି ଭରି ଯାଇଥିଲା। କାଲି ଠାରୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ କରିବା ପାଇଁ କେନ୍ଦୁଝରଗଡ଼ ପୌରପାଳିକା ଓ ଅଗ୍ନିଶମ ବାହିନୀର ଦଶଟି ଟିମ୍ ଜଳ ନିଷ୍କାସନ କରିବାର ଲାଗି ଥିଲେ। ଆଜି ସକାଳେ ପାଲି ଥିଲା ଟାଉନ ଥାନା ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖ ପୋଲିସ କ୍ଲବ୍ ଏବଂ ପାଖରେ ଥିବା ବିଭିନ୍ନ ଘର ଭିତରୁ ଥିବା ଜଳ ନିଷ୍କାସନ କରିବାର। ସକାଳୁ ସଦଳବଳେ ପହଂଚି ଥିଲା ଅଗ୍ନୀଶମ ବାହିନୀର ଦୁଇଟି ଟିମ୍। ଗୋଟିଏ ଟିମ୍ ପୋଲିସ କ୍ଲବ୍‌ରେ ଜଳ ନିଷ୍କାସନ କରୁଥିବାବେଳେ ଅନ୍ୟ ଟିମ୍‌ଟି ନିକଟରେ ଥିବା ଘରୁ ପାଣି ନିଷ୍କାସନ କରୁଥିଲେ। ସେହି ଟିମ୍‌ରେ ସାମିଲ୍ ଥିଲେ ଚନ୍ଦନ ପଟ୍ଟନାୟକ। ଆଣ୍ଠୁଏ ପାଣିରେ ପଶି ଘର ଭିତରେ ପାଇପ୍ ପକାଇବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥଲେ। ଘର ମାଲିକର ଲୁଗା ଶୁଖାଇବା ପାଇଁ ଏକ ଜିଆଇ ତାର ଘର ଅଗଣାରୁ ଅନ୍ୟ ଅଗଣାକୁ ବନ୍ଧା ହୋଇଥଲା। ଦୁର୍ଭାଗ୍ୟ ବଶତଃ କୌଣସି କାରଣରୁ ସେହି ତାରଟିରେ ବିଜୁଳି କରେଂଟ ସଂଯୋଗ ହୋଇଯାଇଥିଲା। ସେହି ସମୟରେ ଚନ୍ଦନ ପଟ୍ଟନାୟକଙ୍କ ହାତ ପାଣି ଭିତରେ ଥିବା ସମୟରେ ଭୁଲ୍ ବଶତଃ ପଡ଼ି ଯାଇଥିଲା। କେହି କିଛି ବୁଝିବା ପୂର୍ବରୁ କରେଂଟ ଖାଇ ସେ ତଳେ ପଡ଼ି ଯାଇଥିଲେ। ଅନ୍ୟ ସହକର୍ମୀମାନେ କରେଂଟ ଲାଗିଥିବା ଜାଣିପାରି ସଙ୍ଗେ ସଙ୍ଗେ ଅନ୍ୟ ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ତାରଟିକୁ ଟାଣି ଛିଣ୍ଡାଇ ତାକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠି ପହଂଚିଲା ବେଳକୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

## ନିମ୍ନମାନର କାମ ଯୋଗୁଁ ନିର୍ମାଣାଧୀନ କାନପୁର କେନାଲରେ ଘାଇ ୮ଜଣ ଚାଷୀଙ୍କ ସ୍ୱପ୍ନ ମାଟିରେ ମିଶିଲା

ଚମ୍ପୁଆ,୧/୮(ନି/ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବାରିଆ ଥାନା ଉଚ୍ଚବାଲି ଗ୍ରାମପଂଚାୟତର ରେଙ୍ଗାଲଗୋଡ଼ା ଗ୍ରାମରେ ନିର୍ମାଣାଧୀନ କାନପୁର କେନାଲର ନିମ୍ନମାନର କାର୍ଯ୍ୟ ଯୋଗୁଁ ବଡ଼ଧରଣର ଅଘଟଣ ଘଟିଛି। ଗତ ୨୭ ଏବଂ ୨୮ ତାରିଖରେ ହୋଇଥିବା ବର୍ଷା ଯୋଗୁଁ କେନାଲରେ ଘାଇ ସୃଷ୍ଟି ହୋଇ ବାଲି ପୋତି ହୋଇଯିବାରୁ ଅଂଚଳର ଗରିବ ଚାଷୀମାନଙ୍କ ସ୍ୱପ୍ନ ମାଟିରେ ମିଶିଯାଇଛି। ଚାଷୀମାନେ ବେଶ୍ କଷ୍ଟକରି ଜମିରେ ଧାନ ରୋଇ ସାରିଥିଲେ। ଧାନ ଗଛଗୁଡ଼ିକରେ ନୂତନ ପିଲ ମଧ୍ୟ ବାହାରି ସବୁଜିମା ଖେଳାଇ ଦେଇଥିଲା। ମାତ୍ର କେନାଲର ଅସିଦ୍ଧ ଓ ଖାମଖିଆଲି କାମ ଯୋଗୁଁ ଘାଇ ସୃଷ୍ଟି ହୋଇ ବାଲି ଓ ପଙ୍କ ମାଡ଼ିଯିବାରୁ ଏହି ଗରିବ ଚାଷୀଙ୍କ ସମସ୍ତ ଜମି ନଷ୍ଟ ହୋଇଯାଇଛି। ଏହି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ହେଲେ ଅଭିମନ୍ୟୁ ମହାନ୍ତ, ଗୋକୁଳ ମହାନ୍ତ, ହରେକୃଷ୍ଣ ମହାନ୍ତ, ସନ୍ତୋଷ କୁମାର ମହାନ୍ତ, କିଶୋର ଚନ୍ଦ୍ର ମହାନ୍ତ, ନବକିଶୋର ମହାନ୍ତ, ଯୋଗେନ୍ଦ୍ର ମହାନ୍ତ ଓ ଲିଟୁ ମହାନ୍ତ। ଗ୍ରାମବାସୀ ଏବଂ ଚାଷୀମାନଙ୍କ କହିବା କଥା ଯେ, କାନପୁର କେନାଲର କାମ ସମ୍ପୂର୍ଣ୍ଣ ମଧ୍ୟ ହୋଇନଥିବା ଅବସ୍ଥାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ପ୍ରକୃତରେ କାନପୁର ନଦୀବନ୍ଧର ମୁଖ୍ୟ ପାଣି ଛଡ଼ାଯାଇଥାନ୍ତା, ତେବେ ସମଗ୍ର ଅଂଚଳ କ୍ଷତିଗ୍ରସ୍ତ ହୋଇ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏହା କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଦାୟିତ୍ୱହୀନ ଅଧିକାରୀ ଓ ଠିକାଦାରଙ୍କ ଦୁର୍ନୀତିର ଜ୍ୱଳନ୍ତ ପ୍ରମାଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମୁଣ୍ଡରେ ହାତଦେଇ ବସିଥିବା ଏହି ଚାଷୀମାନେ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ସରକାର ଏବଂ ଜିଲ୍ଲା ପ୍ରଶାସନ ଏକ ଉଚ୍ଚସ୍ତରୀୟ ତଦନ୍ତ ଟିମ୍ ପଠାଇ ଚାଷୀଙ୍କ ଦୁଃଖ ବୁଝନ୍ତୁ ଏବଂ ଏହି ନିମ୍ନମାନର କାମ ପାଇଁ ଦାୟୀ ଥିବା ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ଜୋର୍ ଧରିଛି।

## ମାର୍ଶାଘାଇରେ ଘରୋଇ କଳିରୁ ରକ୍ତାକ୍ତ କାଣ୍ଡ, ୩ ଗୁରୁତର

କେନ୍ଦ୍ରାପଡ଼ା,୧/୮(ନି/ପ୍ର): ମାର୍ଶାଘାଇ ଥାନା ଅନ୍ତର୍ଗତ ମଣିକୁଣ୍ଡା ଗ୍ରାମରେ ଘରୋଇ କଳିରୁ ଏକ ଅଭାବନୀୟ ଘଟଣା ଘଟିଛି। ପଡୋଶୀଙ୍କ ଆକ୍ରମଣରେ ଏକ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି ।ଅଭିଯୋଗ ମୁତାବକ, ମଣିକୁଣ୍ଡା ଗ୍ରାମର ଗଙ୍ଗାଧର ସ୍ୱାଇଁଙ୍କ ସହ ତାଙ୍କ ପଡୋଶୀ ଜିତେନ୍ଦ୍ରଙ୍କ ପରିବାରର ପୂର୍ବରୁ ବିବାଦ ଲାଗି ରହିଥିଲା। ଆଜି ଗଙ୍ଗାଧର ନିଜ ବାଡ଼ିରୁ ଅନାବନା ଗଛ ସଫା କରୁଥିବା ସମୟରେ ଜିତେନ୍ଦ୍ର ଓ ତାଙ୍କ ପରିବାର ଲୋକେ ଆସି ତାଙ୍କ ଉପରେ କୋଦାଳରେ ଆକ୍ରମଣ କରିଥିଲେ।

# ସରକାରୀ ବିଦ୍ୟାଳୟରେ ପ୍ରତିଷ୍ଠା ହେବ ଏଆଇ ଇନୋଭେସନ୍ ଓ ସ୍କିଲିଂ ହବ୍

## ଭଦ୍ରକ ଜିଲ୍ଲା ପ୍ରଶାସନ ଓ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

ଭଦ୍ରକ,୧/୮(ନି/ପ୍ର): ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଆଧୁନିକ, ବୈଷୟିକ ଏବଂ ଡିଜିଟାଲ୍ ଭିତିକ କରିବା ସହ ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ପ୍ରଯୁକ୍ତି ଶିକ୍ଷାର ସୁଯୋଗ ଯୋଗାଇବା ଲକ୍ଷ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପାଂଚବର୍ଷୀୟ ଭାଗିଦାରୀ ଅଧୀନରେ ଭଦ୍ରକ ଜିଲ୍ଲାର ମନୋନୀତ ସରକାରୀ ବିଦ୍ୟାଳୟଗୁଡ଼ିକରେ 'ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ଇନୋଭେସନ୍ ଓ ସ୍କିଲିଂ ହବ୍' ପ୍ରତିଷ୍ଠା କରାଯିବ। ଭଦ୍ରକ ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ନିର୍ଦ୍ଦେଶକ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ପଦକ୍ଷେପ ଜାତୀୟ ଶିକ୍ଷା ନୀତି–୨୦୨୦, ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନା, ଓଡ଼ିଶାର ଡିଜିଟାଲ୍ ଶିକ୍ଷା ଲକ୍ଷ୍ୟ ଏବଂ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ–୪ (ଏସଡିଜି-୪) ସହ ସାମଞ୍ଜସ୍ୟ ରଖୁଛି। ଏହି ଅବସରରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ଏହି ପାଂଚବର୍ଷୀୟ ସହଯୋଗ ଜିଲ୍ଲାର ଗ୍ରାମାଂଚଳ ଛାତ୍ରଛାତ୍ରୀଙ୍କୁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ), ରୋବୋଟିକ୍ସ, କୋଡିଂ ଓ ଇଂଟରନେଟ୍ ଅଫ୍ ଥିଙ୍ଗ୍ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିରେ ଦକ୍ଷ କରି ଭବିଷ୍ୟତ ପାଇଁ ଏକ ସକ୍ଷମ ଡିଜିଟାଲ୍ ପିଢ଼ି ଗଢ଼ି ତୋଳିବ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଥିଲେ ଯେ, ବର୍ତ୍ତମାନ ସମୟରେ ଇଓ, ରୋବୋଟିକ୍ସ ଓ ଡାଟା ସାଇନ୍ସ ଭଳି କ୍ଷେତ୍ର ସମଗ୍ର ବିଶ୍ୱର କାର୍ଯ୍ୟଧାରାକୁ ପରିବର୍ତ୍ତନ କରୁଛି। ଏହି ସହଯୋଗ ମାଧ୍ୟମରେ ଭଦ୍ରକ ଜିଲ୍ଲା ସରକାରୀ ବିଦ୍ୟାଳୟ ଶିକ୍ଷାରେ ନୂତନ ପ୍ରଯୁକ୍ତିର ସମନ୍ୱୟ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ସମାନ ସୁଯୋଗ ପାଇବେ। ଏହି ପଦକ୍ଷେପ ମାଧ୍ୟମରେ ପାରମ୍ପରିକ ଶିକ୍ଷାଦାନ ସହ ବ୍ୟବହାରିକ ଓ ପ୍ରକଳ୍ପ-ଭିତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ। ଇଓ ଇନୋଭେସନ୍ ଓ ସ୍କିଲିଂ ହବ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ପ୍ୟୁଟେସନାଲ୍ ଚିନ୍ତାଧାରା, ସୃଜନଶୀଳ ସମସ୍ୟା ସମାଧାନ କୌଶଳ ଏବଂ ଷ୍ଟାର୍ଟଅପ୍ ମନୋଭାବର ବିକାଶ ଘଟିବ। ଏଥିସହ ଅତ୍ୟାଧୁନିକ ଭିତିଭୂମି, ସମନ୍ୱିତ ପାଠ୍ୟକ୍ରମ, ବିଭିନ୍ନ ସ୍ତରର ପ୍ରତିଯୋଗିତା ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବ। ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ମୁଖ୍ୟ ପରାମର୍ଶଦାତା ଶାରଦା ପ୍ରସାଦ ପଣ୍ଡା କହିଥିଲେ ଯେ, ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ଚିନ୍ତାଧାରା ଓ ସମସ୍ୟା ସମାଧାନ ଦକ୍ଷତା ବିକଶିତ କରିବା ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ। ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ କାର୍ଯ୍ୟ କରି ଗ୍ରାମାଂଚଳରେ ଅତ୍ୟାଧୁନିକ ଶିକ୍ଷା ପହଂଚାଇବା ସହ ଭବିଷ୍ୟତର ଦକ୍ଷ ନେତୃତ୍ୱ ସୃଷ୍ଟି କରାଯିବ। ଫାଉଣ୍ଡେସନ୍ ପକ୍ଷରୁ ବୟସ ଉପଯୋଗୀ ଶିକ୍ଷାଦାନ ମଡ୍ୟୁଲ୍ ପ୍ରସ୍ତୁତ ଓ ପରିଚାଳନା କରାଯିବ। ପାଠ୍ୟକ୍ରମରେ ଇଓ, ରୋବୋଟିକ୍ସ, କୋଡିଂ, ଡିଜାଇନ୍ ଥିଙ୍କିଂ, ଇଓ ନୈତିକତା, ଡିଜିଟାଲ୍ ସୁରକ୍ଷା ଏବଂ ଜଳବାୟୁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଭଳି ବିଷୟଗୁଡ଼ିକ ସାମିଲ ରହିବ। କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା, ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ପ୍ରଦାନ ଏବଂ ବିଶେଷକରି ଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଜିଲ୍ଲା ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ଭାବେ ଜିଲ୍ଲାପାଳ କାର୍ଯ୍ୟ କରିବେ। କମିଟିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ପ୍ରତିନିଧି ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ସଦସ୍ୟ ଭାବେ ରହିବେ। ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପାଣି ନିଷ୍କାସନ ପାଇଁ ସଫା ହେଲା ନାଳ

ଭଦ୍ରକ,୧/୮(ନି/ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ରାହାଞ୍ଜର ବାଇଶା ସାହି ଛକରେ ପାଂଚ ବର୍ଷ ହେବ ନାଳ ନିଷ୍କାସନ ଅଭାବରୁ ଟିକିଏ ବର୍ଷା ହେଲେ ଅଂଟାଏରୁ ଅଧିକ ଜମି ରହୁଥିଲା। ଯାହା ଫଳରେ କେବଳ ପାଦ ଚଲା ଯାତ୍ରୀ ନୁହଁନ୍ତି ଛୋଟ ଛୋଟ ବାଇକକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏପରିକି ଚରମ୍ପା ଠାରୁ ରାଣୀତାଲ ଆସୁଥିବା ଯାତ୍ରୀ ଜାତୀୟ ରାଜପଥ ଲୋକାଲ ରାସ୍ତା ପରିବର୍ତ୍ତେ ଜାତୀୟ ରାଜପଥର ରଙ୍ଗ ସାଇଡରେ ଆସିବାକୁ ପଡୁଛି। ଯାହା ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା। ଯାହାକୁ ସମ୍ବାଦରେ ବାରମ୍ବାର ପ୍ରକାଶ ପରେ ବି ଜିଲ୍ଲା ପ୍ରଶାସନ ଏ ବିଷୟରେ କିଛି ବୁଝିବା ପରିବର୍ତ୍ତେ ଏହା ଜାତୀୟ ରାଜପଥ କାର୍ଯ୍ୟ କହି ଏଡାଇ ଯାଉଥିଲା ହେଲେ ଆଜି ରାହାଞ୍ଜ ର ସମାଜସେବୀ ଦାମୋଦର ସାହୁ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକଙ୍କୁ ଅବଗତ କରାଇଥିଲେ। ଶ୍ରୀ ମଲ୍ଲିକ ଏ ବିଷୟରେ ଜିଲ୍ଲପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟ ସମ୍ପାଦନା ପାଇଁ ଭଦ୍ରକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗୋଷ୍ଠି ଉନ୍ନୟନ ଅଧିକରି ରଶ୍ମି ରଞ୍ଜନ ମଲ୍ଲିକ ଦୁଇଟି ଜେସିବି ଆଣି ରାସ୍ତାର ଦୁଇ ପାଖ ଡ୍ରେନ ସଫାର ବ୍ୟବସ୍ଥା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କାର୍ଯ୍ୟ ଚାଲୁରହିଥିଲା। ଏଠାରେ ସ୍ମରଣଯୋଗ୍ୟ ଗତ ସପ୍ତାହ ତଳେ ରାଣୀତାଲ ବଜାରରେ ପାଣି ନିଷ୍କାସନ ପାଇଁ ଖୋଲା ଯାଇଥିବା ନାଳକୁ ସ୍ଥାନୀୟ ବ୍ୟବସାୟୀ ପୋତି ଦେଇ ଥିବାରୁ ଆଗକୁ ପୁଣି ପାଣି ଜମିବ ସମସ୍ୟା ଦେଖା ଦେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

## ମଙ୍ଗୁଲି ଅଙ୍ଗନୱାଡି ଗୃହ ଉଦ୍‌ଘାଟିତ

ଭଦ୍ରକ,୧/୮(ନି/ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅର୍ନ୍ତଗତ ଛୟାଳସିଂହ ପଚାଂୟତ ମଙ୍ଗୁଲି ଗ୍ରାମରେ ନବ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଗୃହକୁ ସ୍ଥାନୀୟ ସରପଚଂ ସତ୍ୟଭାମ ଧଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆଇସିଡିଏସ ସୁପରଭାଇଜର ରୁକ୍ମଣୀ ମହାଳିକ , ସାଂସଦ ପ୍ରତିନିଧି ସନ୍ତୋଷ ନାୟକ, ଅଙ୍ଗନୱାଡି କର୍ମୀ ସାବିତ୍ରୀ ନାୟକ, ଅପର୍ଣ୍ଣା ନାୟକ, ସୁକାନ୍ତି ଲତା ଜେନା, ସୁମିତ୍ରା ଭୂୟାଁ, ରାଜଶ୍ରୀ ରାଣୀ ରାଉତ, ସ୍ୱର୍ଣ୍ଣଲତା ପାତ୍ର, ୱାର୍ଡ ସଭ୍ୟା ବୀଣାପାଣି ଘଡାଇ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି, ସ୍ୱୟଂସହାୟକ ଗୋଷ୍ଠିର ସଦସ୍ୟା, ଆଶାକର୍ମୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ରହିଥିଲେ । ଦୀର୍ଘ ବର୍ଷ ଧରି ମଙ୍ଗୁଲି ଗ୍ରାମରେ ସ୍ଥାୟୀ ଅଙ୍ଗନୱାଡି ଗୃହର ଅଭାବ ଯୋଗୁ ଶିଶୁ ମାନଙ୍କ ପ୍ରାକ୍-ପ୍ରାଥମିକ ଶିକ୍ଷା, ପୁଷ୍ଟିକର ଖାଦ୍ୟ ବଂଟନ ଏବଂ ଗର୍ଭବତୀ ଓ ପ୍ରସୂତି ମା ମାନଙ୍କୁ ସରକାରୀ ସେବା ପ୍ରଦାନରେ ବିଭିନ୍ନ ଅସୁବିଧା ଦେଖା ଦେଉଥିଲା।

# ପାଣିରେ ବୁଡ଼ି ୨ ମୃତ

କେନ୍ଦୁଝର,୧/୮(ନି/ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଂଚଳରେ ପାଣିରେ ବୁଡ଼ି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି, ମୃତକମାନେ ହେଲେ ଖୁଂଟାପଡ଼ା ପଂଚାୟତ ଅନ୍ତର୍ଗତ କନ୍ତଲେଇ ଦାଣ୍ଡିଆସାହିର ରଙ୍ଗାଧର ଦେହୁରୀଙ୍କ ସ୍ତ୍ରୀ ଅଖାରୀ ଦେହୁରୀ(୫୮)ଓ କାଳିଆହତା ଘାଷିଡିହା ସାହିର ଶିତୁଲ୍ ମୁଣ୍ଡାଙ୍କ ଶିଶୁ କନ୍ୟା ଏଲିନା ମୁଣ୍ଡା(୧ବର୍ଷ), ଗତକାଲି ଲଗାଣ ବର୍ଷା ସତ୍ୱେ ଅଖାରୀ ସ୍ୱାମୀଙ୍କ ସହ ପ୍ରତିଦିନ ଭଳି ଗୋରୁ ଚରାଇବା ପାଇଁ ଯାଇଥିଲେ, ସନ୍ଧ୍ୟାରେ ଘରକୁ ଫେରିବାବେଳେ ଗାଁ ମୁଣ୍ଡ ଚାଷ ଜମିରେ ପ୍ରବାହିତ ବର୍ଷା ପାଣିରେ ଅଖାରୀ ପଡ଼ି ଯାଇଥିଲେ। ଆଜି ସକାଳେ ତା'ର ଶବକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଇଛି। ସେହିପରି କାଳିଆହତାର ଶିତୁଲ୍ ମୁଣ୍ଡାଙ୍କ ଝିଅ ଏଲିନା ଆଜି ଅପରାହ୍ନରେ ଘର ନିକଟସ୍ଥ ନାଳ ପାରି ହେଉଥିବାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ, ଦୀର୍ଘ ତିନି ଘଂଟା ଖୋଜାଖୋଜି ପରେ ଘଟଣାସ୍ଥଳରୁ ଏକ କିଲୋମିଟର ଦୂର ନାଳ ତଳମୁଣ୍ଡରୁ ତା'ର ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



ଆନନ୍ଦପୁର ପ୍ରେସ ପରିଷଦ ପକ୍ଷରୁ ଉତରେଶ୍ୱର ମହାଦେବ ମନ୍ଦିର ପରସରରେ 'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

## ଜିନ୍ଦଲ ଷ୍ଟିଲ ଲିମିଟେଡର ସିଏସଆର ପାଣ୍ଠିକୁ ହରିଆଣାରେ ଖର୍ଚ୍ଚ ହେଉଛି ବୋଲି ଛେଣ୍ଡିପଦା ବ୍ଲକ୍ କଂଗ୍ରେସ ପକ୍ଷରୁ ଅଭିଯୋଗ



ଅନୁଗୋଳ,୧/୮(ନି/ପ୍ର) :ଛେଣ୍ଡିପଦା ବ୍ଲକ୍ କଂଗ୍ରେସ ପକ୍ଷରୁ ସ୍ଥାନୀୟ ପ୍ରଶାନ୍ତି ହୋଟେଲଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିନ୍ଦଲ କମ୍ପାନୀ ଯୋଗୁଁ ଅନୁଗୋଳବାସୀ ଜୀବନ ଜୀବିକା, ଜଙ୍ଗଲ, ଜମି ଓ ଜଳ ହରାଇ ପ୍ରଦ୍ୟୁଷଣର ବିଷବଳୟରେ ଜୀବନ ଅତିବାହିତ କରୁଛନ୍ତି ଓ କମ୍ପାନୀର ସିଏସଆର ପାଣ୍ଠିକୁ ଅନୁଗୋଳରେ ଖର୍ଚ୍ଚ ନ ହୋଇ ହରିଆଣାରେ ଖର୍ଚ୍ଚ ହେଉଛି ବୋଲି ପ୍ରକାଶ କରିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିବା ସହ ଜିନ୍ଦଲ ଷ୍ଟିଲ ଲିମିଟେଡର ଶିଳ୍ପ ଓ ଖଣି ଦ୍ୱାରା ଅନୁଗୋଳବାସୀ ପ୍ରଭାବିତ ହୋଇ କଷ୍ଟ ସହୁଥିବା ବେଳେ ଜିନ୍ଦଲ କମ୍ପାନୀ ଅନୁଗୋଳବାସୀଙ୍କୁ ଉପେକ୍ଷା କରି ନବୀନ ଜିନ୍ଦଲଙ୍କ ହରିଆଣା ସ୍ଥିତ ଓ ପି ଜିନ୍ଦଲ ଗ୍ଲୋବାଲ ୟୁନିଭରସିଟିକୁ ସିଏସଆର ପାଣ୍ଠିରୁ ୫୧୫ କୋଟି ୯୬ଲକ୍ଷ ଟଙ୍କା ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ନବୀନ ଜିନ୍ଦଲ କମ୍ପାନୀର ମୁଖ୍ୟ ହିସାବରେ ତା୨୧-୨-୨୦୨୧ରେ ୩୩୦.୯୭ କୋଟି ଓ ତା୫।୭।୨୦୨୩/ ୬।୭।୨୦୨୩ରେ ୮୮.୫୬ କୋଟି, ୨୨୨.୬୯ କୋଟି ଓ ୧୬.୭୦କୋଟି, ଏହିପରି ସମୁଦାୟ ୬୫୮.୯୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହାମଧ୍ୟରୁ ୫୧୫.୯୫କୋଟି ଟଙ୍କା ଉପରୋକ୍ତ ୟୁନିଭରସିଟିକୁ ଦିଆଯାଇଥିବା ବେଳେ ଆଉ ୧୫୨.୯୬କୋଟି ଦିଆଯିବାର ଥିଲା, ଏହା ମଧ୍ୟରେ ଦିଆ ସରିଛି ବୋଲି ଜଣାପଡିଛି। ଗୋଟିଏ ପଟେ ଜିନ୍ଦଲ ଷ୍ଟିଲ ଲିମିଟେଡର ମୁଖ୍ୟ ହିସାବରେ ସିଏସଆର ଟଙ୍କା ମଞ୍ଜୁର କଲେ ଓ ଅନ୍ୟ ପଟେ ୟୁନିଭରସିଟିର ମୁଖ୍ୟ ହିସାବରେ ଟଙ୍କା ନେଇଛନ୍ତି। ଏହାର ସିବିଆଇ ତଦନ୍ତ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ୨୦୦୭ମସିହାରେ ରେଭେନ୍ୟୁ କମିଶନର ଓ ଜିଲ୍ଲାପାଳଙ୍କ ତତ୍ୱାବଧାନରେ ଜିନ୍ଦଲ ଉପରେ ହୋଇଥିବା ଆରପିଡିଏସି ବୈଠକରେ ଏକ ପ୍ରୋଜେକ୍ଟ ଏକ ଦାମ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ ପାଇଁ ନୀତି ଗୃହୀତ ହୋଇଥିଲା। କିଛି ଗ୍ରାମକୁ ଏକର ପିଛା ୧୫ଲକ୍ଷ ଟଙ୍କା ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଛି। ପୂର୍ବରୁ ପ୍ରତ୍ୟେକ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ୫ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଣୁ ସମସ୍ତ କ୍ଷତିଗ୍ରସ୍ତ ଗ୍ରାମର ପ୍ରଜାମାନଙ୍କୁ ଏକର ପିଛା ୧୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଥିଲେ। ପରଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ଜନତାଙ୍କ ସ୍ୱାର୍ଥରେ କୃଷିଭିତ୍ତିକ ଉଦ୍ଦେଶ୍ୟରେ ପ୍ରାୟ ୨୦୦ ଏକର ଜମି ଜଳସେଚନ ହେଉଥିଲା। କିନ୍ତୁ ଜିନ୍ଦଲ ୨୦୦ଏକରରୁ ଉର୍ଦ୍ଧ୍ୱ ଜମି ଜିନ୍ଦଲ ଅଧିଗ୍ରହଣ କରି ନେବାରୁ ଆଉ କୃଷି କାର୍ଯ୍ୟ ହୋଇ ପାରିଲା ନାହିଁ। ଫଳରେ ପରଙ୍ଗ ଗ୍ରାମର ମହିଳା ସଂଘ ଉକ୍ତ ପ୍ରକଳ୍ପରେ ମାଛ ଚାଷ କରୁଥିଲେ। ଜିନ୍ଦଲ କମ୍ପାନୀର ବିଷାକ୍ତ ନର୍ଦ୍ଦମା ପାଣି ପଶିବାରୁ ଚଳିତ ବର୍ଷ ଶହ ଶହ କ୍ୱି[ାଲ ମାଛ ମରି ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିଛନ୍ତି। ସେମାନଙ୍କ ହାତରୁ ସବୁ ପ୍ରକାର ରୋଜଗାର ଜିନ୍ଦଲ ଛଡ଼ାଇ ନେଇଥିବା ଅଭିଯୋଗ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ପଛୁଆ କଂଗ୍ରେସର ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ପ୍ରଦେଶ ଦଳିତ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ବରିଷ୍ଠ କଂଗ୍ରେସ ନେତା ସୁଦୀପ ମିଶ୍ର, ଛେଣ୍ଡିପଦା ବ୍ଲକ୍ କଂଗ୍ରେସ ସଭାପତି ଅଜୟ କୁମାର ବେହେରା, ବଅଁରପାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝୀ ପ୍ରମୁଖ ଉପସ୍ଥିତ ରହି ମତ ପ୍ରଦାନ କରିଥିଲେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ରବିବାର ୨ ଅଗଷ୍ଟ ୨୦୨୬

## ମହଙ୍ଗା ମାଡ଼, ଜଗି ରଖି ସଂସାର ଚଳାନ୍ତୁ

ସଂସାର ଚଳାଇବା କ୍ଷେତ୍ରେର ଅନେକ ଆର୍ଥିକ ଆହ୍ୱାନକୁ ସାମ୍ନା କରିବାକୁ ପଡ଼ିଥାଏ । ସଂସାର ଚଳାଇବା ଏକ ସହଜସାଧ୍ୟ ଜୀବନ ଅଭୋଦୀ ନୁହେଁ । ଏହାକୁ ସାମ୍ନା ନକରି ପାରି ଅନେକ ଲୋକଙ୍କର ଜୀବନ ଡଙ୍ଗା କେବଳ ଦୋହଲି ଯାଏନା ଭାଙ୍ଗି ଯାଏ ମଧ୍ୟ । ଅନେକ ଅଲୋଚନା କରନ୍ତି ଯେ ବର୍ତ୍ତମାନର ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଯାହା ବି କିଣିବେ ସବୁ ମହଙ୍ଗା । କ୍ଷୀର ଠାରୁ ପେଟ୍ରୋଲ ଡିଜେଲ, ପରିବା ଠାରୁ ପିଲାଙ୍କ ପାଠପଢ଼ା, ଔଷଧପତ୍ର ଠାରୁ ଜମିବାଡ଼ି ସବୁକିଛିର ଦରଦାମ ବଢୁଛି । ଏ ସବୁ ଭିତେର ବର୍ଦ୍ଧିତ ଆମଦାନୀ ଶୁଳ୍କ, ସୁନା ଓ ରୂପାର ମୂଲ୍ୟ ବଢ଼ାଇ ଦେଇଛି ଆପଣ ରେଷୋଇ ଘର ଦେଖନ୍ତୁ କିମ୍ବା ଯିବା ଆସିବା ବ୍ୟବସ୍ଥା ସବୁଠି ଦର ବୃଦ୍ଧିର ସମସ୍ୟାର ପାହାଡ଼ ।େ ତେବ ଅେନକଙ୍କ ଅଭିଯୋଗ ଏୟା ଯେ ଏ ସବୁ ଖର୍ଚ୍ଚକୁ ଦେଖିଲେ ଦରମା ସେହିପରି ବଢୁନାହିଁ । ଏ ସବୁ ଭିତେର ପ୍ରେତ୍ୟକ ପରିବାର ଟିକିଏ କଷ୍ଟେର ଘର ଖର୍ଚ୍ଚ ପରିଚାଳନା କରୁଛନ୍ତି । ତେବ ଏଭଳି ସମୟେର କଟକଣା ଭିତେର ନୁହେଁ ବରଂ ସବୁ ଦିଗକୁ ଚିନ୍ତା କରି ଟଙ୍କା ଖର୍ଚ୍ଚ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି । ତେବ କେଉଁ କେଉଁ ଦିଗ ଉପେର ଖର୍ଚ୍ଚ ପରିଚାଳନାର ସତର୍କ ଦୃଷ୍ଟି ଦେଖିବେ ସେ ସମ୍ପର୍କରେ ଛୋଟିଆ ଅର୍ଥନୈତିକ ସେଚତନଧର୍ମୀ ଅଲୋଚନାଟି ରଖୁଛୁ । ଅେନକଙ୍କ ଘେର ପାରିବାରିକ କାର୍ଯ୍ୟବ୍ୟସ୍ତତା ଭିତେର ସମୟ ଅଭାବକୁ ଦେଖି ଘେରାଇ ରେଷୋଇ ପରିବେର୍ତ୍ତ ଖାଦ୍ୟ ଅର୍ଡ଼ର କରିଥାନ୍ତି ।ତେବେ ବ୍ୟବସ୍ଥାର ଆଳ କରି ଏହାକୁ ଅଭ୍ୟାସେର ପରିଣତ କରିଦେଲ ଆପଣଙ୍କ ମାସିକ ସଂଚୟ ଉପେର ପ୍ରଭାବ ପକାଇଥାଏ । ଆମକୁ ମେନ ରଖିବାକୁ ହେବ ଯେ ଘେରାଇ ପ୍ରସ୍ତୁତ ଖାଦ୍ୟର ଦୁଇଟି ଲାଭ ଦାୟକ ଦିଗ ରହିଛି । ପ୍ରଥତଃ ଘେରାଇ ଖାଦ୍ୟ ଦେହ ପାଇଁ ସ୍ୱାସ୍ଥ୍ୟକର ଓ ଦ୍ୱିତୀୟ ଦିଗଟିହେଉଛି ଏହା ଆର୍ଥିକ ଦୃଷ୍ଟିରୁ ମଧ୍ୟ ଭଲ । ତେଣୁ ଘରର ଅର୍ଥନୀତିର ସଠିକ ପରିଚାଳନା ପାଇଁ ଯଥାସମ୍ଭବ ଖାଦ୍ୟ ମଗାଇ ଖାଇବା ଠାରୁ ଦୂରେଇବା ଭଲ ।େ ସହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତେଜରାତି ସାମଗ୍ରୀ ଅେନକ ସମୟେର ଛୋଟ ମୋଟ ତେଜରାତି ସୌଦା ଦୋକାନରୁ କିଣିବା ଅେପକ୍ଷା ଅନଲାଇନ ବ୍ୟବସ୍ଥାେର ଅର୍ଡ଼ର କରିପକାଉ । ଏ ସବୁ ଖର୍ଚ୍ଚକୁ କେହି କେହି ଗୁରୁତ୍ୱହୀନ ବା ମାମୁଲି ଭାବି ପାରନ୍ତି । ତେବ ଭୁଲିଯିବା ଅନୁଚିତ ଯେ ଏହି ଛୋଟେମୋଟର ଖର୍ଚ୍ଚ ପରିବାରର ମାସିକ ବେଜଟ ଉପେର ବଡ଼ ପ୍ରଭାବ ପକାଏ । ତେଣୁ ଯଥା ସମ୍ଭବ ଡୋରେଷ୍ଟପ ଡେଲିଭରି ବ୍ୟବସ୍ଥା କମାନ୍ତୁ । କଥାେର ଅଛି ଆପ୍ ରୁଚି ଖାନା, ପର ରୁଚି ପେହନା ଅର୍ଥାତ୍ ନୂଆ ପୋଷାକ ଯେତିକି ବ୍ୟକ୍ତିତ୍ୱ ଓ ଆଭିଜାତ୍ୟର ପ୍ରତୀକ ସେତିକି ଆପଣଙ୍କ ଆଖି ଦୃଶିଆ ଗୌରବକୁ ମଧ୍ୟ ବଢ଼ାଇଥାଏ । ଆଗ ସମୟ ଅେପକ୍ଷା ଏବେ ପ୍ରାୟ ସମସ୍ତଙ୍କ ପୋଷାପତ୍ର ବଢ଼ିଛି । ଘର ହେଉ ବା ଅଫିସ ପ୍ରାୟ ସବୁ ଅବସରେର ନୂଆ ପୋଷାକ କିଣିବା ଉପେର ଗୁରୁତ୍ୱ ଦିଆଯାଏ । ନୂଆ ବର୍ଷ ହେଉ ବା ଜନ୍ମଦିନ, ବିବାହ ବାର୍ଷିକ ହେଉ ବା ପର୍ବପର୍ବାଣୀ, ଅଫିସର ପ୍ରଥମ ଦିନ ହେଉ ବା କୌଣସି ବିଜୟ ମେହାତ୍ସବର ପ୍ରତୀକ । ନିୟମିତ ଏଭଳି ପୋଷାକ କିଣା ଏକ ମହଙ୍ଗା ଅଭ୍ୟାସ ନିଶ୍ଚିନ୍ତ । ଭାରତର ଅର୍ଥନୀତିର ଏକ ବିଶାଳ ଦିଗ ହେଉଛି ମଧ୍ୟବର୍ଗୀ ବା ନିମ୍ନମଧ୍ୟବର୍ଗୀ ପରିବାର ବର୍ଗ । ଏହି ପରିବାର ବର୍ଗ ଉପେର ପୋଷାକ କିଣିବାର ମହଙ୍ଗାମାଡ଼ ଏକ ବଡ଼ ଖର୍ଚ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ ।ସେହିପରି ବର୍ତ୍ତମାନର ସମୟକୁ ଦେଖି ଅେନକ ନିଜର ରୁଚି ବଦଳାଇ ଥାଆନ୍ତି । ଆଜିକାଲି ଫେସନ ବ୍ୟବସ୍ଥାର ଚାକଚକ୍ୟ ଆଭିଜାତ୍ୟ ଭିତେର ବ୍ରାଣ୍ଡର ମୋହ ଏକ ବିଶାଳ ଖର୍ଚ୍ଚର ଭିନ୍ନ ଦିଗ । ଆଜିକାଲି ବଜାରକୁ ଦେଖିଲେ ବିଭିନ୍ନ ଡିଜାଇନର ଘଡ଼ି, ପ୍ରିମିୟମ ହ୍ୟାଣ୍ଡ ବ୍ୟାଗ ଓ ମହଙ୍ଗା ବ୍ରାଣ୍ଡର ଆହୁରି ସାମଗ୍ରୀ ପ୍ରତି ସମସ୍ତଙ୍କ ଆକର୍ଷଣ ବଢୁଛି । ପ୍ରତିଦିନ ନୂଆ ନୂଆ ବିଳାସପୂର୍ଣ୍ଣ ଉତ୍ପାଦ ବଜାରକୁ ଆସୁଛି । ମହଙ୍ଗା ସମୟେର ସୁକାନ୍ତ ଛେଡାଇ ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ଜିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରେର ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି । ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାେନ ଏହି ସଂକ୍ରମଣେର ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି । ସାଧାରଣତଃେ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟେରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନେର ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ ।େ ଯେତେବେଳ ଜେଣ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳ ଏହି ରୋଗକୁ ସାମ୍ନା କରିଥାଏ । ପୃଥିବୀ ବିଖ୍ୟାତ ଗେବଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନେସଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାେର ଏହି ରୋଗ ସମ୍ପର୍କରେ ବିଶେଷ ଭାବେର ଉଲ୍ଲେଖ କରିଛି । ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ । ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟେର ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବେର ସାମ୍ନାକୁ ଆସିଥାଏ । ଉଦେବଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟେର ଅେନକ ଏହାକୁ ଚିହ୍ନଟ କରିପାରିନଥାନ୍ତି । ଯାହାକି ପରବର୍ତ୍ତୀ ସମୟେର ଏକ ସାଂଘାତିକ ରୂପ ଦେଖାଇଥାଏ । ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ । ସେହିପରି ଆେମରିକାର ସେଂଟର ଫର ଡିଜିଜ୍ କେଣ୍ଟ୍ରାଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରେବଶ କରି ସଂକ୍ରମିତ କରିଥାଏ । କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାେନ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚେଡ଼ଇ ମାନଙ୍କ ଦ୍ୱାରା ବ୍ୟାପିଥାଏ । ପ୍ରବଳ ବର୍ଷା ହେଉଥିବା ସମୟେର ଯେଉଁମାେନ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସେଫଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାେନ ସହଜେର ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି । ତେବ ଏହାର ଉଦେବଗଜନକ ଚିତ୍ରଟି ହେଉଛି ଆମେ ଅଲୋଚନା କରୁଥିବା ଲେପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ । ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହେର ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସେପଷୀେର ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଳାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବେର ଶୀତ ଲାଗିଥାଏ ଏବଂ ବେଳ ବେଳ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାେଗ, ବାନ୍ତି ଲଗାତର ଭାେବ ଦେଖାଯାଏ ଏବଂ ଝାଡ଼ା ପରିସ୍ରାେର ସମସ୍ୟା ଦେଖାଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାେବ ପ୍ରଭାବିତ କରିଥାଏ । ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ଼ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ ।

## ସଂଗଠିତ ଛଳନାର ସଂସ୍କୃତି

"ସାର୍ବଜନୀନ ଭାଷଣର ପ୍ରକୃତ ମଜା ସେତେବେଳେ ଆସେ ଯେତେବେଳେ ଶ୍ରୋତାମାନେ ଜାଣିପାରନ୍ତି ଯେ ବକ୍ତାଟି ଅର୍ଥହୀନ କଥା କହୁଛନ୍ତି, ଏବଂ ବକ୍ତା ନିଜେ ମଧ୍ୟ ସଚେତନ ଯେ ସେ ଭିତ୍ତିହୀନ କଥା କହୁଛନ୍ତି ।" ଏହି ପ୍ରସିଦ୍ଧ ଧାଡ଼ିଟି ଶ୍ରୀଲାଲ ଶୁକ୍ଳଙ୍କ ଦ୍ୱାରା ଲିଖିତ 'ରାଗ ଦରବାରୀ' ନାମକ ଉପନ୍ୟାସର । ଏହା ଏମିତି ଏକ ପରିସ୍ଥିତିକୁ ବୁଝାଏ ଯେଉଁଠାରେ ସମସ୍ତେ ବାସ୍ତବତା କ'ଣ ଜାଣନ୍ତି, କିନ୍ତୁ ସାମୂହିକ ଭାବେ ଛଳନା କରି ପରିସ୍ଥିତିକୁ ପରିବର୍ତ୍ତନ କରିବା ପରିବର୍ତ୍ତେ ଉପଭୋଗ କରି ଚାଲିଥାନ୍ତି । ସମ୍ଭବତଃ ଆମ ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଏପରି ଏକ ପର୍ଯ୍ୟାୟରେ ପ୍ରବେଶ କରିସାରିଛି, ଯେଉଁଠାରେ ସତ କ'ଣ ଆମେ ଜାଣିଛୁ । କିନ୍ତୁ ବିଡ଼ମ୍ବନା ଯେ ଏହାକୁ ସାର୍ବଜନୀନ ଭାବରେ ଅଣଦେଖା କରାଯାଉଛି । ଶାସକ ଓ ପ୍ରଶାସକମାନେ ଜାଣନ୍ତି ଯେ ସେମାନେ ନାଗରିକଙ୍କୁ ଭ୍ରମିତ କରୁଛନ୍ତି । ଏପଟେ ଆମେ ସାଧାରଣ ନାଗରିକମାନେ ଭଲଭାବରେ ଜାଣୁ ଯେ ଆମେ ଭ୍ରମିତ ହେଉଛୁ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସୁପରିକଳ୍ପିତ ଚକ୍ରରେ ଆମେ ସମସ୍ତେ ଜଣେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇସାରିଛୁ । ପ୍ରାୟ ଅଧିକାଂଶ ପ୍ରଶାସନ, ଶାସନ ଓ ସାଙ୍ଗଠନିକ ବ୍ୟବସ୍ଥା ଭିତରେ ଏମିତି ଚକ୍ର ଅଛି । ଅନେକ ଏହାକୁ ସଂଗଠିତ ଛଳନା ବା 'ଅର୍ଗାନାଇଜ୍ଡ ହିପୋକ୍ରେସି' ବୋଲି କୁହନ୍ତି । ଉଦାହରଣ ସ୍ୱରୂପ, ବିଦ୍ୟାଳୟ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟି ହେଉ ବା ଭତ୍ତାରେ ବିଳମ୍ବ ହେଉ, ଉଭୟ କ୍ଷେତ୍ରରେ କର୍ତ୍ତୃପକ୍ଷ ଏପରି ସ୍ପଷ୍ଟୀକରଣ ଦେଇଥିଲେ ଯାହା ସ୍ପଷ୍ଟ ଭାବରେ ସନ୍ତୋଷଜନକ ନଥିଲା । ଏହା ସତ୍ତ୍ୱେ ଜନସାଧାରଣ ଓ କର୍ତ୍ତୃପକ୍ଷ ଉଭୟଙ୍କ ଦ୍ୱାରା ତାହା ଗ୍ରହଣୀୟ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏକ ସାମାଜିକ ପରୀକ୍ଷଣ କଥା ଆଲୋଚନା କରିବା । କିଛି ବ୍ୟକ୍ତିଙ୍କୁ ସରଳ ପ୍ରଶ୍ନ ଦିଆଯାଇଥିଲା ଯାହାର ଉତର ସେମାନେ ଜାଣିଥିଲେ । କିନ୍ତୁ ସେହି ପରୀକ୍ଷଣରେ ସାମିଲ ହୋଇଥିବା ଅଧିକାଂଶ ଅଂଶ ଗ୍ରହଣକାରୀ ଜାଣିଶୁଣି ଭୁଲ୍ ଉତ୍ତର ଦେଲେ । ଏହା ଦେଖି ଠିକ୍ ଉତର ଜାଣିଥିବା ବ୍ୟକ୍ତିମାନେ ମଧ୍ୟ ଭୁଲ୍ ଉତର ଦେଲେ । ଏହାର କାରଣ ଥିଲା ଯେ ପରୀକ୍ଷଣରେ ସାମିଲ ଥିବା ବ୍ୟକ୍ତି ସଂଖ୍ୟାଗରିଷ୍ଠ ଗୋଷ୍ଠୀର ବିରୋଧୀ ହେବା ଓ ମତଭେଦକୁ ଏଡ଼ାଇବାକୁ ପସନ୍ଦ କଲେ । କିନ୍ତୁ ଜାଣି ରଖନ୍ତୁ, ଏହିପରି ଅଭ୍ୟାସ ପ୍ରଥମେ ଏକ ଆପୋସ ବୁଝାମଣା ଭଳି ଲାଗେ । କିନ୍ତୁ ଧୀରେ ଧୀରେ ଏହା ପାରସ୍ପରିକ ଅବିଶ୍ୱାସ ଆଡ଼କୁ ଗତି କରିଥାଏ । ସଂଗଠିତ ଛଳନା ଦ୍ୱାରା ସମାଜ ଉପରେ ଗଭୀର ପ୍ରଭାବ ପଡ଼ିଥାଏ । ଏହାର ତିନିଟି ଦୃଷ୍ଟିକୋଣ ଅଛି । ସାମାଜିକ ପ୍ରଭାବ ଅନୁଯାୟୀ ସାଧାରଣ ଲୋକଙ୍କ ବିଶ୍ୱାସ ହ୍ରାସ ପାଏ । ଫଳସ୍ୱରୂପ ରାଜନୈତିକ ଉଦାସୀନତା ଓ ନିମ୍ନ ଆଶାର ଏକ ସଂସ୍କୃତି ସୃଷ୍ଟି ହୁଏ । ଅନ୍ୟ ପଟେ ପ୍ରଶାସନିକ ଜୀବନରେ, ଏହି ସଂଗଠିତ କପଟାଚରଣ ଦ୍ୱାରା ଉତ୍ତରଦାୟିତ୍ୱ ଦୁର୍ବଳ ହୁଏ । ଅଧିକାରୀମାନେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଲୋକଦେଖାଣିଆ ପରିଚାଳନା କରିବାରେ ଅଧିକ ଲିପ୍ତ ରୁହନ୍ତି । ନିୟମ ସବୁ କାଗଜରେ ସୀମିତ ରହିଯାଏ । ସାମୂହିକ ଛଳନାର ଯଦି ନିୟମିତ ହୁଏ ତେବେ ଅନେକ ଶାସନ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୁଏ । ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ ଆମ ନିରବତା ଯୋଗୁଁ ଏସବୁ ହେଉଛି କି ? ଯଦି ହଁ, ତା'ହେଲେ ଆମେ କାହିଁକି ନିରବ ରହୁଛେ ? ଭୟ ହେଉଛି ଏହାର ପ୍ରମୁଖ କାରଣ । ଭୟର ଭୂମିକା ଏଠାରେ ଦୁଇ ପ୍ରକାରର । ପ୍ରଥମଟି ହେଉଛି ଭୟ ଯୋଗୁଁ ନିରବତା । ଦଣ୍ଡ, ପ୍ରତ୍ୟାଖ୍ୟାନ, ଚାପ, ଉପହାସ କିମ୍ବା ସୁଯୋଗ ହରାଇବାର ଭୟ ଯୋଗୁଁ ଲୋକେ ନିରବ ରହିବାକୁ ପସନ୍ଦ କରନ୍ତି । ଏହା ନିରବତାର ଚକ୍ର ଭାବେ ବେଶ୍ ଜଣାଶୁଣା । ଦ୍ୱିତୀୟଟି ହେଉଛି ନିରବତାଜନିତ ଭୟ । ଏହାର ଅର୍ଥ ହେଲା ଯେହେତୁ ଚାରିପାଖରେ ସମସ୍ତେ ନିରବ ରହୁଛନ୍ତି, ତେଣୁ ବ୍ୟକ୍ତିଟିଏ ଭାବେ ଯେ ବ୍ୟବସ୍ଥାଟି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଯାଇଛି । ସେଥିପାଇଁ ଏହାକୁ ପ୍ରଶ୍ନ କରିବା ହିଁ ଏକ ପ୍ରକାର ବିପଦ । ଯଦି କର୍ତ୍ତୃପକ୍ଷ ଓ ଜନସାଧାରଣ ଛଳନାକୁ ନେଇ ସହନଶୀଳ ହେବେ, ଭବିଷ୍ୟତରେ ଏହା ଏକ ଭିନ୍ନ ବ୍ୟବସ୍ଥା ସୃଷ୍ଟି କରିବ । ଗୋଟିଏ ପଟେ ଶାସନ ବ୍ୟବସ୍ଥା କଠୋର ଅନୁଶାସନର ଏକ ଛବି ବଜାୟ ରଖିବାକୁ ଚେଷ୍ଟା କରିବ । କିନ୍ତୁ ଅନ୍ୟପଟେ ନାଗରିକମାନେ ଏହି ବ୍ୟବସ୍ଥାଗୁଡ଼ିକର ଗଳାବାଟ ପାଇଁ ଉପାୟ ଖୋଜିବେ । ସବୁ କଥା ଜାଣି ମଧ୍ୟ କେହି ଖୋଲାଖୋଲି ଭାବରେ ଏହି ପରିସ୍ଥିତିକୁ ବିରୋଧ କରିବେ ନାହିଁ । କାରଣ କଙ୍କଡ଼ାକୁ ଗୋଳି ପାଣି ପରି ଏହି ବ୍ୟବସ୍ଥା ଉଭୟ ପକ୍ଷକୁ ଦ୍ୱନ୍ଦ୍ୱ ଏଡ଼ାଇବା ଓ କାର୍ଯ୍ୟ ଜାରି ରଖିବାରେ ସାହାଯ୍ୟ କରିବ । ସମାଜବିଜ୍ଞାନୀଙ୍କ ମତରେ ଯଦି ଦୀର୍ଘ ସମୟ ଧରି ଏଭଳି ସାମାଜିକ ପରିସ୍ଥିତି ରହିବ ତେବେ ପାରସ୍ପରିକ ବିନାଶର 'ନାସ୍ ଇକ୍ୱିଲିବ୍ରିଅମ' ନାମକ ଅବସ୍ଥା ସୃଷ୍ଟି ହୋଇପାରେ । ଏହି ସ୍ଥିତିରେ ପ୍ରତାରଣା ଉଭୟ ପକ୍ଷ ପାଇଁ ଏକ ରଣନୀତି ହୋଇଯାଏ । ପରିଶେଷରେ ଏହି ଆଲୋଚନାକୁ ନେଇ ଚାରିଟି କାଳ୍ପନିକ ସମ୍ଭାବନା ସୃଷ୍ଟି ହୋଇପାରେ । ଧରନ୍ତୁ, ଜନସାଧାରଣ ସହଯୋଗ କଲେ କିନ୍ତୁ ପ୍ରଶାସନ ଠକିବା ଆରମ୍ଭ କରିବ, ତେବେ କ'ଣ ହେବ ? ଏହା ଦ୍ୱାରା ଏକ ଶୋଷଣକାରୀ ଓ ଅତ୍ୟାଚାରୀ ଶାସନ ବ୍ୟବସ୍ଥା ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ । ଦ୍ୱିତୀୟରେ ଯଦି ଜନସାଧାରଣ ଠକିଲେ କିନ୍ତୁ ପ୍ରଶାସନ ସହଯୋଗ କରିବ ତେବେ ଅସନ୍ତୁଷ୍ଟ ନାଗରିକମାନଙ୍କୁ ପାଣ୍ଠି ଯୋଗାଇବାକୁ ଯାଇ ରାଷ୍ଟ୍ର ଦେବାଳିଆ ହୋଇଯିବ ଏବଂ ମାଗଣାଖୋର ସଙ୍କଟ ଦେଖାଦେବ । ତୃତୀୟ ପରିଣାମ କଥା ଚିନ୍ତା କରନ୍ତୁ । ଯଦି ଜନସାଧାରଣ ଓ ପ୍ରଶାସନ ଉଭୟ ଉଭୟଙ୍କୁ ଠକିଲେ ? ତେବେ ବ୍ୟବସ୍ଥାଗତ ପତନ ସୁନିଶ୍ଚିତ । ଚତୁର୍ଥରେ ଯଦି ଜନସାଧାରଣ ଓ ପ୍ରଶାସନ ଉଭୟ ଉଭୟଙ୍କୁ ସହଯୋଗ କରିବେ ତେବେ ପାରସ୍ପରିକ ବିଶ୍ୱାସ, ସମୃଦ୍ଧ ଅର୍ଥନୀତି ଓ ବିକଶିତ ଜନସେବାରେ ଭରପୂର ଏକ ଆଦର୍ଶ ସମାଜ ଗଢ଼ିଉଠିବ । ଆମେ କେଉଁ ଫଳାଫଳକୁ ବାଛିବା ସେ ନିଷ୍ପତ୍ତି ଆମର ।

## ଅଘଟଣମୁକ୍ତ, ସୁରକ୍ଷିତ ରଥଯାତ୍ରା

ଶ୍ରୀ ଜଗନ୍ନାଥ ମନ୍ଦିରରେ ଦୈନନ୍ଦିନ ରୀତିନୀତି ପାଳନରେ କିଛି ବ୍ୟତିକ୍ରମ, ବିବାଦ ଓ ପରମ୍ପରା ଉଲ୍ଲଂଘନ ହେଉଥିବାର ଅଭିଯୋଗ ଭକ୍ତମାନଙ୍କୁ ବ୍ୟଥିତ କରିଆସୁଥିଲା ବେଳେ, ପ୍ରତି ବର୍ଷ ରଥଯାତ୍ରା କାଳରେ ଦୁର୍ଘଟଣା ଘଟିଚାଲିଛି । ଶ୍ରୀଗୁଣ୍ଡିଚାଠାରୁ ନିଳାଦ୍ରୀ ବିଜୟ ଯାଏଁ ସମ୍ପୂର୍ଣ୍ଣ ଅଘଟଣମୁକ୍ତ ଓ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର, ଶ୍ରୀ ମନ୍ଦିର ପ୍ରଶାସନ ଓ ପୁଲିସ ପ୍ରଶାସନ ବାରମ୍ବାର ସମନ୍ୱୟ ବୈଠକ, ପ୍ରସ୍ତୁତି ତଥା ପ୍ରଯୁକ୍ତି ବିଜ୍ଞାନର ସହାୟତା ନେଇ ସୁରକ୍ଷାର ଆଶ୍ୱାସନା ଦେଉଥିଲେ ହେଁ ଗଣମାଧ୍ୟମରେ ପ୍ରକାଶ ପାଉଥିବା ତଥ୍ୟ ଅପେକ୍ଷା ଅଧିକ ବିଶୃଙ୍ଖଳା ଯେ ଘଟୁଛି, ତାହା ସଭିଏଁ ଅନୁଭବ କରୁଛନ୍ତି । ତ୍ରୁଟି କେଉଁଠି ରହିଯାଉଛି ଯେ, କାଳିଆ ଠାକୁରଙ୍କ ମଥାରୁ ଟାହିଆ ଗଳିପଡୁଛି, ମୁକ୍ତାକାଶ ବଡ଼ଦାଣ୍ଡରେ ଲୋକମାନେ ଅଣନିଶ୍ୱାସୀ ହୋଇ ପ୍ରାଣ ହରାଉଛନ୍ତି ? ଶ୍ରୀମନ୍ଦିର ଟେଲିଭିଜନ ଚାନେଲ କରାଯିବାପାଇଁ ଘୋଷଣା କରାଯାଇଥିଲେ ବି ମନ୍ଦିର ବେଢ଼ା ଭିତରେ ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା ଲାଗି ନଥିବାରୁ, ଟାହିଆ ବାନ୍ଧିଥିବା ସେବକମାନଙ୍କୁ ଚିହ୍ନଟ କରାଯାଇ ପାରିଲାନି ଏବଂ ଖସିପଡ଼ିଥିବା ଟାହିଆ କୁଆଡ଼େ ଗଲା, ତାହାର ପ୍ରାମାଣିକ ତଥ୍ୟ ମିଳିଲା ନାହିଁ । ଫଳରେ ସେବକମାନେ ଅନୁଶାସନହୀନ ହେବାକୁ ପ୍ରୋତ୍ସାହିତ ହେଲେ । ଏହା ଅରାଜକତାକୁ ବଳ ଦେଉଥାଏ । ରଥଯାତ୍ରା ବେଳେ ଶ୍ରୀ ମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ଗହଳି ପରିଚାଳନା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ସାହାଯ୍ୟରେ ବଡ଼ଦାଣ୍ଡର ଭିଡ଼ ଓ ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଇ ଶୃଙ୍ଖଳାରକ୍ଷା କାର୍ଯ୍ୟରେ ସାଦା ପୋଷାକଧାରୀ ପୁଲିସଙ୍କୁ ଉପଯୋଗ କରିବା କଥା କୁହାଯାଏ । କିନ୍ତୁ କର୍ଡନ ଭିତରକୁ ମନ୍ତ୍ରୀ, ପଦାଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ତଥା ମାଳମାଳ ପାସଧାରୀଙ୍କୁ ଛାଡ଼ି ଦିଆଯାଏ । ଫଳରେ ବିଶୃଙ୍ଖଳାକୁ ବଳ ମିଳେ । କର୍ଡନ ବାହାରେ ସାଧାରଣତଃ ଅଧିକ ଠେଲାପେଲା ହୋଇଥାଏ । ଏହିଭଳି ସମ୍ବେଦନଶୀଳ ଅଂଚଳ ଉପରେ ଉଚ୍ଚ କ୍ଷମତାସମ୍ପନ୍ନ ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯାଇ, ଶୃଙ୍ଖଳା ଭଙ୍ଗକାରୀଙ୍କୁ ଜବତ କରାଗଲେ ଲୋକ ଠେଲାପେଲା ନକରି ଶୃଙ୍ଖଳିତ ଆଚରଣ କରନ୍ତେ । ପ୍ରତି ବର୍ଷ ଯେ କାହିଁକି ଜନପ୍ରତିନିଧି, ଉଚ୍ଚଅଧିକାରୀମାନେ ସପରିବାରେ ପୁରୀ ଯାଇ ରଥ ଟାଣନ୍ତି, ତାହା ସେମାନଙ୍କୁ ଜଣା । ନିଜର ଅହମିକା ପ୍ରଦର୍ଶନ କରି କ'ଣ କାଳିଆର କରୁଣା ଲାଭ କରି ହୁଏ ! ଜନସଂଖ୍ୟା ବଢୁଛି, ଗମନାଗମନ ସାଧନ ମଧ୍ୟ ବଢ଼ିଛି । ରୋଜଗାର ବଢୁଛି, ପର୍ଯ୍ୟଟନ ପାଇଁ ମନ ବଳୁଛି ଲୋକଙ୍କର । ପ୍ରବଚକମାନେ ପୁଣ୍ୟ ଅର୍ଜନ ଓ ପାପ ଧୋଇବାର ଆଶା ଦେଖାଉଛନ୍ତି । ରଥାରୂଢ଼ ବାମନଙ୍କୁ ଦର୍ଶନ କଲେ ପାପକ୍ଷୟ ହେବାର ଲୋଭରେ, ରଥଯାତ୍ରାରେ ଗହଳି ବଢୁଛି । କୌଣସି ବି ନିର୍ବାଚିତ ଲୋକପ୍ରତିନିଧି ଅବା ସମାଜ ସଂସ୍କାରକ ଲୋକଙ୍କୁ ଶ୍ରୀକ୍ଷେତ୍ରରେ ଗହଳି ନକରି, ଟେଲିଭିଜନ ମାଧ୍ୟମରେ ରଥଯାତ୍ରା ଦେଖିବାକୁ ପରାମର୍ଶ ଦେବାର ଦୁଃସାହସ କରୁନାହାନ୍ତି । ବରଂ ପ୍ରସ୍ତୁତି ବିଷୟରେ ବହୁଳ ପ୍ରଚାର ହେଉଛି । ମୋଟରଗାଡ଼ି ପାର୍କିଂ ସୁବିଧା, ସ୍ୱତନ୍ତ୍ର ବସ୍ ଓ ରେଳ ବ୍ୟବସ୍ଥା କରାଯାଉଛି । ନୈଷ୍ଠିକ ହିନ୍ଦୁଙ୍କ ବ୍ୟତୀତ ଅନ୍ୟମାନେ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି ଦର୍ଶନ କରିପାରନ୍ତି ନାହିଁ । ତେଣୁ, ସେମାନେ ଜଗତର ନାଥଙ୍କ ରଥଯାତ୍ରାରେ ଭାଗନେବା ଗ୍ରହଣୀୟ । ଅଥଚ, 'ବସୁଧୈବ କୁଟୁମ୍ବକମ୍' କହୁଥିବା ନେତାଗଣ ରଥଯାତ୍ରାକୁ ନିଜର ରାଜନୈତିକ ଅହଙ୍କାର ପ୍ରଦର୍ଶନର ସୁଯୋଗ ମଣୁଛନ୍ତି । ଆଧ୍ୟାତ୍ମିକତାହୀନ ପର୍ଯ୍ୟଟନମନସ୍କ ଭକ୍ତଙ୍କ ବିଶୃଙ୍ଖଳିତ ଭିଡ଼ କାରଣରୁ ଅଘଟଣମୁକ୍ତ ରଥଯାତ୍ରା ଆଗକୁ ଆଉ ସମ୍ଭବ ନୁହେଁ । ସରକାର ଭିଡ଼ ନହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରିବାର ରାଜଧର୍ମ ପାଳନ କରିବାକୁ ଭୟ କରୁଛନ୍ତି, ଅଥଚ ନିଜର ସାମର୍ଥ୍ୟ ବଖାଣିବାରେ କାର୍ପଣ୍ୟ କରୁନାହାନ୍ତି । ସେଥିପାଇଁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଶିକ୍ଷା ଦେବାପାଇଁ ବିନା ଟାହିଆରେ ପହଣ୍ଡି ବିଜେ କରିଥିଲେ କି ! ବଡ଼ ଦାଣ୍ଡରେ ସର୍ବାଧିକ ତିନି ଲକ୍ଷ ଲୋକ ଜମା ହୋଇଗଲେ ଅବସ୍ଥା ଅସମ୍ଭାଳ ହୋଇଯାଏ । ପୁରୀ ସହରର ଲୋକସଂଖ୍ୟା ପ୍ରାୟ ସେତିକି । ଏଣୁ ରଥଯାତ୍ରା ସମୟରେ ସହର ବାହାରୁ ଅଢ଼େଇ ଲକ୍ଷ ଶ୍ରଦ୍ଧାଳୁ ଆସିଗଲେ, କେବଳ ଗହଳି ନିୟନ୍ତ୍ରଣ ନୁହେଁ, ବରଂ ବର୍ଜ୍ୟ ନିଷ୍କାସନ ଓ ସ୍ୱଚ୍ଛତା ପରିଚାଳନାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ଏଣୁ, ଶ୍ରୀକ୍ଷେତ୍ରକୁ ପ୍ରବେଶ କରୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ଜାଣିବା ପାଇଁ ଡିଜିଟାଲ୍ ବ୍ୟବସ୍ଥା ଅତ୍ୟାବଶ୍ୟକ । ବହୁ ପୂର୍ବରୁ ସୂଚନା ଦେଇ କେବଳ ରେଳ ଓ ବସ୍ ବ୍ୟତିତ ସମସ୍ତ ପ୍ରକାର ବ୍ୟକ୍ତିଗତ ଯାନବାହାନ ପ୍ରବେଶ ନିଷେଧ କରାଯିବା ଆବଶ୍ୟକ । ବରଂ ପ୍ରସ୍ଥାନ କରୁଥିବା ଯାନବାହାନ ଉପରୁ ଟୋଲ-ଟିକସ ଛାଡ଼, ପୁରୀ ଛାଡୁଥିବା ବସ୍ ଓ ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖୋର୍ଦ୍ଧା ରୋଡ ଏବଂ ଭୁବନେଶ୍ୱର ଯାଏଁ ମାଗଣା ଯାତ୍ରା ବ୍ୟବସ୍ଥା କରାଯିବା ଦରକାର । ସରକାର କେତେ ଲୋକଙ୍କୁ ସୁରକ୍ଷା, ପରିମଳ, ସ୍ୱାସ୍ଥ୍ୟ ତଥା ସର୍ବୋପରି ରଥ ଟାଣିବାର ସୁଯୋଗ ଦେବାକୁ ସମର୍ଥ, ତାହା ସ୍ପଷ୍ଟ କରିବା ବଦଳରେ ଯଦି ନିଜକୁ ସର୍ବଶକ୍ତିମାନ୍ ସମର୍ଥ ପୁରୁଷ ଭାବେ ଅହମିକା ପ୍ରଦର୍ଶନ କରିବେ, ଦୁର୍ଘଟଣାକୁ ନିମନ୍ତ୍ରଣ ଦେଉଛନ୍ତି ବୋଲି କହିହେବ । ବ୍ୟକ୍ତିଗତ ବାହନରେ ଆସୁଥିବା ସୁନାବେଶ ଦର୍ଶନାର୍ଥୀ ମାଳତିପାଟପୁରରେ ୫ ଘଣ୍ଟା ଅଟକି ରହିବା ପାଇଁ କିଏ ଦାୟୀ ହେବେ ? ଶ୍ରୀ କ୍ଷେତ୍ରରେ ଦୈନିକ ବହିରାଗତ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଯେଉଁଳି ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶ ଦିନ ସର୍ବାଧିକ ତିନି ଲକ୍ଷ ଏବଂ ଅନ୍ୟ ଦିନମାନଙ୍କରେ ଦୁଇ ଲକ୍ଷରୁ ଅଧିକ ନହେବ, ତାହାର ବ୍ୟବସ୍ଥା କରିବାକୁ ସରକାର ସାହସ ପ୍ରଦର୍ଶନ କରିବା ଆବଶ୍ୟକ । ରଥ ଉପରେ ସେବକ ସଂଖ୍ୟା ନିୟନ୍ତ୍ରଣ କରିବା ଏକ ସମ୍ବେଦନଶୀଳ ଅଥଚ ଅତ୍ୟନ୍ତ ଜରୁରୀ ପ୍ରସଙ୍ଗ । ସୁରକ୍ଷା ଓ ଶୃଙ୍ଖଳାରକ୍ଷା ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ ଅଧିକୃତ ସେବକଙ୍କୁ ଡିଜିଟାଲ ପାସ ଓ ସ୍ମାର୍ଟ କାର୍ଡ ଦିଆଯିବା ଆବଶ୍ୟକ । ଚାରମାଳ ଉପରେ ଚଢ଼ିବା ପୂର୍ବରୁ ସ୍ୱତନ୍ତ୍ର ସ୍କାନିଂ ମେସିନରେ ଯାଚଂ କରାଯାଇ କେବଳ ଅଧିକୃତ ସେବକଙ୍କୁ ଉପରକୁ ଛଡ଼ାଯାଇ ପାରିବ । ସମସ୍ତ ସେବକ ଏକାସଙ୍ଗେ ରଥ ଉପରେ ନରହି, ସେବା ଅନୁଯାୟୀ ଭିନ୍ନ ଭିନ୍ନ ସମୟରେ ରଥ ଉପରକୁ ଆସିବା ଓ ବାହାରିଯିବା ପାଇଁ ସମୟ ସାରଣୀ ପ୍ରସ୍ତୁତ କରାଯାଇପାରିବ । ପ୍ରତି ନିଯୋଗରୁ କେତେ ଜଣ ସେବକ ନିର୍ଦ୍ଦିଷ୍ଟ ସମୟରେ ରଥ ଉପରେ ରହିବେ, ତାହା ଶ୍ରୀମନ୍ଦିର ପ୍ରଶାସନ, ଦଇତା ନିଯୋଗ ଏବଂ ବାଡ଼ଗ୍ରାହୀଙ୍କ ମଧ୍ୟରେ ବାରମ୍ବାର ଆଲୋଚନା କରାଯାଇ ଆଗୁଆ ସ୍ଥିର କରାଗଲେ, ଏହା ପରମ୍ପରାରେ ରୂପାନ୍ତରିତ ହୋଇ ପରବର୍ତ୍ତୀ ବର୍ଷମାନଙ୍କରେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବା ଅନୁଯାୟୀ ଅଧିକୃତ ସେବକମାନଙ୍କୁ ବାର-କୋଡ୍ ଛପାଥିବା ନିର୍ଦ୍ଦିଷ୍ଟ ରଙ୍ଗର ପାଟ, ମଠା ଯୋଡ଼ ଯୋଗାଇ ଦିଆଗଲେ, ଅନଧିକୃତ ସେବକଙ୍କୁ ସହଜରେ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ କରି ହେବ । ନହେଲେ, ଚଳିତ ବର୍ଷ ସେବକଙ୍କୁ ଚିହ୍ନଟ କରିବା ଦାୟିତ୍ୱ ନେଉଥିବା ଶ୍ରୀ ଜଗନ୍ନାଥ ମନ୍ଦିର ପୁଲିସ ଏବଂ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଜିଲ୍ଲା ପୁଲିସ ମଧ୍ୟରେ ବିବାଦ ସୃଷ୍ଟି ହେବ । ଚଳିତ ବର୍ଷ ଏହି କାରଣରୁ, ସୁନାବେଶ ଓ ଲାଗି ହେବାରେ ଦେଢ଼ଘଣ୍ଟା ବିଳମ୍ବ ହୋଇଗଲା । ଏସବୁ ଅରାଜକତା ଓ ହୁଗୁଳା ଶାସନକୁ ଦର୍ଶାଇଲା । ଏହାର ସୁଦୂର ପ୍ରସାରୀ ପ୍ରଭାବ କେବେହେଁ ସକାରାତ୍ମକ ନୁହେଁ । ନ୍ୟସ୍ତସ୍ୱାର୍ଥଙ୍କ ଚାପରେ ବିଭିନ୍ନ ତଦନ୍ତ କମିସନଙ୍କ ମତାମତ ସାର୍ବଜନୀନ କରା ନଯାଇ ସେବା ଓ ପ୍ରଶାସନରେ ସଂସ୍କାର ଆସିବାକୁ ବାଧା ଦିଆ ଯାଉଛି । ନିୟମ ଉଲ୍ଲଂଘନ କରି ରଥ ଉପରକୁ ଚଢୁଥିବା ଅନଧିକୃତ ବ୍ୟକ୍ତି ଓ ସେବକଙ୍କ ବିରୋଧରେ ଆର୍ଥିକ ଦଣ୍ଡ, ସାମୟିକ ଭାବେ ସେବା ନିବୃତ କରିବା ଭଳି ଶୃଙ୍ଖଳାଗତ ପଦକ୍ଷେପ ନିଆଗଲେ, ବ୍ୟବସ୍ଥା ନିୟନ୍ତ୍ରଣରେ ରହନ୍ତା । ରଥ ଚାରିପାଖରେ ଓ ରଥ ଉପରେ ହାଇ-ଡେଫିନେସନ ସିସିଟିଭି କ୍ୟାମେରା ଲଗାଯାଇ କଣ୍ଟ୍ରୋଲ୍ ରୁମରୁ ସିଧାସଳଖ ସେବକଙ୍କ ସଂଖ୍ୟା ଗଣତି ତଥା ଆଚରଣ ଅନୁଧ୍ୟାନ କରି ଅଙ୍କୁଶ ଲଗାଯାଇପାରନ୍ତା । ଅଥଚ, ସବୁ ସରକାର ରଥଯାତ୍ରାକୁ ବାର୍ଷିକ ପରୀକ୍ଷା ମନେ କରି ସେବକଙ୍କ ସ୍ୱେଚ୍ଛାଚାରକୁ ଆଖି ବୁଜିଦେଇ ଆସିଛନ୍ତି । ସମସ୍ତେ ମନେ ରଖିବା ଦରକାର ଯେ, ଶ୍ରଦ୍ଧାଳୁମାନେ ରଥାରୂଢ଼ ଦେବଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସିଥାଆନ୍ତି, ସେବକ-ଦର୍ଶନ ପାଇଁ ନୁହେଁ । ଏଣୁ, ରଥାରୂଢ଼ ଠାକୁରଙ୍କ ଦର୍ଶନ ସହଜ ହେଲେ, ଭିଡ଼ କମିଯିବ । ଶ୍ରୀମନ୍ଦିର ନୀତି ତଥା ସେବା ବଂଶାନୁକ୍ରମିକ ହୋଇଥିବାରୁ, ଶ୍ରୀମନ୍ଦିର ପ୍ରଶାସନ ଓ ସେବକ ନିଯୋଗ ମଧ୍ୟରେ ସମନ୍ୱୟକୁ ପ୍ରଶାସନ ଯେତିକି ସମ୍ମାନ ଜଣାଇବା ଆବଶ୍ୟକ, ନିଯୋଗମାନେ ମଧ୍ୟ ସମପରିମାଣରେ ଶୃଙ୍ଖଳିତ ଓ ଉତ୍ତରଦାୟୀ ହେବା ଜରୁରି । ସେଥିପାଇଁ ନିଯୋଗର ଅଭିଜ୍ଞ ସେବକ ଓ ପରମ୍ପରା ବିଶେଷଜ୍ଞମାନେ ଯୁବ ସେବକମାନଙ୍କୁ ରଥଯାତ୍ରାର ମର୍ଯ୍ୟାଦା, ଆଇନ ତଥା ନିୟମାବଳୀ ବିଷୟରେ ତାଲିମ ଦେଇ ସଚେତନ କରିବାକୁ କଠୋର ବ୍ୟବସ୍ଥା କରିବାକୁ ପଡ଼ିବ । ଯଦି କୌଣସି ସେବାକୁ ନେଇ ହଠାତ୍ ମତଭେଦ ସୃଷ୍ଟି ହୁଏ, ତାହାର ଏଭଳି ସମାଧାନ କରାଯିବା ଦରକାର, ଯେପରି ନିର୍ବିଘ୍ନରେ ରଥଯାତ୍ରା ସମ୍ପନ୍ନ ହେବ ଏବଂ ପରେ ଦୋଷୀକୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଇ ପାରିବ । ଏହା ସେବକମାନେ ହୃଦୟଙ୍ଗମ କରିବା ପାଇଁ ସରକାର ଶୂନ୍ୟ ସହନଶୀଳ ନୀତି ଘୋଷଣା କଲେ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆସିବ । ଲୋକଙ୍କ ସମର୍ଥନ ସହିତ ରାଜ୍ୟ ସରକାରଙ୍କ ଦଳ-ନିରପେକ୍ଷ କଠୋର ଆଭିମୁଖ୍ୟ ତଥା ଶ୍ରୀମନ୍ଦିର ପ୍ରଶାସନଙ୍କ ସମ୍ବେଦନଶୀଳ ମାନସିକତା ରହିଲେ ରଥଯାତ୍ରା ଅଘଟଣମୁକ୍ତ, ସୁରକ୍ଷିତ ହେବ ।

## ଯୁଦ୍ଧ, ମାନବ ସଭ୍ୟତା ଓ ଶାନ୍ତିର ଆବଶ୍ୟକତା

ଯୁଦ୍ଧ କେବଳ ସୀମାନ୍ତରେ ସୀମାବଦ୍ଧ ନରହି ସମଗ୍ର ମାନବ ସମାଜ, ଅର୍ଥନୀତି, ରାଜନୀତି ଓ ପରିବେଶକୁ ଗଭୀର ଭାବେ ପ୍ରଭାବିତ କରିଥାଏ । ଲିଖିତ ମାନବ ଇତିହାସର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମଗ୍ର ପୃଥିବୀରେ ସମ୍ପୂର୍ଣ୍ଣ ଶାନ୍ତି କେବେହେଲେ ସମ୍ଭବ ହୋଇନାହିଁ । ଐତିହାସିକ ପ୍ରେକ୍ଷାପଟ୍ଟ ଓ 'ଖଣ୍ଡଭେଶ ଚରବମର' ଗତ ୩୪୦୦ ବର୍ଷର ଲିଖିତ ଇତିହାସ ମଧ୍ୟରୁ ମାତ୍ର ୨୬୮ ବର୍ଷ ବଡ଼ ଧରଣର ଯୁଦ୍ଧ ହୋଇନଥିଲା, କିନ୍ତୁ ସେହି ସମୟରେ ବି ଆଂଚଳିକ ସଂଘର୍ଷ ଜାରି ଥିଲା । ରୋମାନ୍ ସାମ୍ରାଜ୍ୟ, ଚୀନ୍‌ର ହାନ୍ ରାଜବଂଶ, ସମ୍ରାଟ ଅଶୋକ କିମ୍ବା ଆକବରଙ୍କ ସମୟରେ କେବଳ ନିର୍ଦ୍ଦିଷ୍ଟ ଆଂଚଳିକ ଶାନ୍ତି ଦେଖାଦେଇଥିଲା । କୃଷି ଓ ସଭ୍ୟତାର ବିକାଶ ପୂର୍ବରୁ ସୀମା ଓ ସମ୍ପତ୍ତିର ଧାରଣା ନଥିବାରୁ ସଂଘଠିତ ଯୁଦ୍ଧ କମ୍ ଥିଲା । ୧୯୪୫ (ଦ୍ୱିତୀୟ ବିଶ୍ୱଯୁଦ୍ଧ) ପରଠାରୁ ବଡ଼ ଶକ୍ତିମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ମହାଯୁଦ୍ଧ ହୋଇନଥିଲେ ବି କୋରିଆ, ଭିଏତନାମ୍, ଆଫଗାନିସ୍ତାନ, ଇଉକ୍ରେନ୍ ଓ ଗାଜା ଭଳି ଶହ ଶହ ଆଂଚଳିକ ଯୁଦ୍ଧ ନିରନ୍ତର ଚାଲିଛି । ଧର୍ମଗ୍ରନ୍ଥ ଯୁଦ୍ଧର ତୁଳନା କଲେ ଜଣାପଡେ ଯେ ରାମାୟଣ, ମହାଭାରତ, କୋରାନ୍ ଓ ବାଇବେଲ୍‌ରେ ନ୍ୟାୟ, ଆତ୍ମରକ୍ଷା ଓ ସତ୍ୟର ପ୍ରତିଷ୍ଠା ପାଇଁ ଯୁଦ୍ଧ । ଯୁଦ୍ଧର ନିୟମ, ନିରୀହଙ୍କ ସୁରକ୍ଷା ଓ ଅହିଂସା ଓ କ୍ଷମାକୁ ଗୁରୁତ୍ୱ । ଶେଷରେ ଯୁଦ୍ଧର ପରିଣାମ କେବଳ ଶୋକ ଓ ବ୍ୟଥା । ଇତିହାସ ଯୁଦ୍ଧ ରେ ସାମ୍ରାଜ୍ୟ ବିସ୍ତାର, ସମ୍ପଦ ଲୁଟ୍ ଓ ଆଧିପତ୍ୟ । କଳିଙ୍ଗ ଯୁଦ୍ଧ ଭଳି ଭୟାବହ ରକ୍ତପାତ ଓ ବିଶ୍ୱଯୁଦ୍ଧରେ ମାରାତ୍ମକ ଅସ୍ତ୍ରର ଶିଳ୍ପାୟନ । ଆଧୁନିକ ଯୁଦ୍ଧରେ ଜଟିଳ କୂଟନୀତି ଓ ପ୍ରଯୁକ୍ତିବିଦ୍ୟା । ବିଜେତା ଓ ପରାଜିତ ଦୁହେଁ କ୍ଷତି ସହନ୍ତି ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧଠାରୁ ଅଧିକ ଜଟିଳ । ନିରୀହଙ୍କ ମୃତ୍ୟୁ, ଶରଣାର୍ଥୀ ସଙ୍କଟ, ଚଞ୍ଚଝଉ, ଭିତିଭୂମି ଧ୍ୱଂସ, ଅର୍ଥନୈତିକ ଭାଙ୍ଗନ, ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ଲୁପ୍ତ ଏବଂ ମୃତିକା, ଜଳ, ବାୟୁ ପ୍ରଦୂଷଣ । ଅସ୍ତ୍ରଶସ୍ତ୍ର କମ୍ପାନୀଙ୍କ ଆର୍ଥିକ ଲାଭ, ସାମରିକ ଓ ଚିକିତ୍ସା କ୍ଷେତ୍ରରେ ଦ୍ରୁତ ଉଦ୍ଭାବନ ଏବଂ ବିଜୟୀ ଦେଶ ପାଇଁ ନୂତନ ଭୂଖଣ୍ଡ ଓ ସମ୍ପଦ ଉପରେ କବଜା । ଯୁଦ୍ଧ ପ୍ରଥମେ ମଣିଷର ମନ ଭିତରେ ସୃଷ୍ଟି ହୁଏ । ଇତିହାସ ପ୍ରମାଣ ଦିଏ ଯେ ଦାରିଦ୍ର୍ୟ, ଅଶିକ୍ଷା, ଏବଂ ସମ୍ପଦର ଅସମାନ ବଂଟନ ଅନେକ ବିଦ୍ରୋହ ଓ ଯୁଦ୍ଧର ମୂଳ କାରଣ ହୋଇଥାଏ । ଯେତେବେଳେ ନାଗରିକମାନେ ସେବା ଓ ଶାନ୍ତିର ମୂଲ୍ୟ ବୁଝିବେ, ସେତେବେଳେ ଯୁଦ୍ଧର ସମ୍ଭାବନା ଆପେ ଆପେ କମିଯିବ । ଆଜି ବିଶ୍ୱର ଅନେକ ଦେଶ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ଅପେକ୍ଷା ଯୁଦ୍ଧାସ୍ତ୍ର କିଣିବାରେ ବିଲିୟନ୍ ବିଲିୟନ୍ ଡଲାର ଖର୍ଚ୍ଚ କରୁଛନ୍ତି । ଆମକୁ ଏମିତି ଏକ 'ଶିକ୍ଷା ଯୁଦ୍ଧ'ର ଆବଶ୍ୟକତା ଅଛି ଯାହା ବିଶ୍ୱ ନେତାମାନଙ୍କୁ ବୁଝାଇପାରିବ ଯେ ଗୋଟିଏ ବୋମା ନିର୍ମାଣ କରିବା ଅପେକ୍ଷା ହଜାରେ ବିଦ୍ୟାଳୟ ଗଢ଼ିବା ସଭ୍ୟତାର ଅସଲ ବିକାଶ । ତେଣୁ, ଆଜିର ପୃଥିବୀକୁ ବିନାଶରୁ ରକ୍ଷା କରିବା ପାଇଁ ସୀମାନ୍ତରେ ଅସ୍ତ୍ରଶସ୍ତ୍ରର ଯୁଦ୍ଧ ନୁହେଁ, ବରଂ ଶ୍ରେଣୀଗୃହ, ସମାଜ ଓ ମଣିଷର ମନସ୍ତତ୍ତ୍ୱ ଭିତରେ 'ଶିକ୍ଷାର ଯୁଦ୍ଧ' ସବୁଠାରୁ ଅଧିକ ଜରୁରୀ, ତେଣୁ ଅସ୍ତ୍ରଶସ୍ତ୍ର ନୁହେଁ, ବରଂ ଅଜ୍ଞାନତା, ଅସମାନତା, କୁସଂସ୍କାର ଓ ହିଂସାତ୍ମକ ମାନସିକତା ବିରୋଧରେ 'ଶିକ୍ଷା ଯୁଦ୍ଧ' ହିଁ ଆଜିର ଆବଶ୍ୟକତା । ଗୁଣାତ୍ମକ ଓ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ହିଁ ମଣିଷକୁ ସହିଷ୍ଣୁ ଓ ବିଚାରଶୀଳ କରି ସ୍ଥାୟୀ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିପାରିବ ।

( ଏ. ଆର. ଖାନ )

## କେନ୍ଦ୍ର-ରାଜ୍ୟ ସମନ୍ୱୟ

ତାମିଲନାଡୁ ଦେଶର ଏଭଳି ଏକ ରାଜ୍ୟ ଯାହା ସର୍ବଦା ଦେଶର ସଂଘୀୟ ବ୍ୟବସ୍ଥାକୁ ଚାଲେଞ୍ଜ କରି ଆସିଛି । ରାଜ୍ୟରେ ଇଂରାଜୀ ଭଳି ଏକ ବିଦେଶୀ ଭାଷାକୁ ଗ୍ରହଣ କରାଯାଉଛି, କିନ୍ତୁ ହିନ୍ଦି ଭାଷାର ବ୍ୟବହାର ଉପରେ କଟକଣା । ଏହାକୁ କହନ୍ତି ଅସହିଷ୍ଣୁତା । କେବଳ ବିଜେପିକୁ ଚାଲେଞ୍ଜ କର ଷ୍ଟାଲିନ ରାଜ୍ୟରେ ହିନ୍ଦି ଭାଷାର ବ୍ୟବହାରକୁ ବିରୋଧ କରୁଥିଲେ । ଏବେ ନୂଆ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ ମଧ୍ୟ ସମାନ ନୀତି ଆପଣାଇଛନ୍ତି । ଯେମିତିକି ହିନ୍ଦି ହେଉଛି କେବଳ ବିଜେପିର ଭାଷା । ଏହା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ବଡ଼ ବିପଦ । ଭାରତ ହେଉଛି ଏକ ରାଜ୍ୟମାନଙ୍କର ସଂଘ । ସଂଘୀୟ ବ୍ୟବସ୍ଥା ଦ୍ୱାରା ଭାରତ ପରିଚାଳିତ । କେନ୍ଦ୍ର ସରକାର ରାଜ୍ୟର ବିକାଶକୁ ସବୁ ବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । ନିକଟରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଆବଶ୍ୟକତା ରହିଛି । ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ରରାଜ୍ୟ ଏକାଠି କାମ କଲେ କିଛି ଅସମ୍ଭବ ନୁହେଁ । ଏଥିପାଇଁ ରାଜନୈତିକ ମତପାର୍ଥକ୍ୟକୁ ଭୁଲି ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା । ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି । ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି । ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି । ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି । କିନ୍ତୁ ଦେଶ ବା ରାଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ । ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ । ଭାରତରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି । ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ । ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଦିବ୍ୟାଙ୍ଗଙ୍କ ପାଇଁ ସାହାଯ୍ୟର ହାତ : ବଣ୍ଟନ ହେଲା ହ୍ୱିଲଚେୟାର୍ ଓ ଶ୍ରବଣ ଯନ୍ତ୍ର



ଝାରସୁଗୁଡ଼ା,୧/୮(ନି/ପ୍ର): ସମାଜର ପ୍ରତ୍ୟେକ ବର୍ଗର ବିକାଶ ପାଇଁ ନିଜର ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରିଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ 'ବେଦାନ୍ତ ଆଲୁମିନିୟମ'। କମ୍ପାନୀର କୋଇଲା ଖଣି ବିଭାଗ ପକ୍ଷରୁ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ସୁବିଧା ପାଇଁ ସହାୟତା ପଦକ୍ଷେପକୁ ଆହୁରି ବ୍ୟାପକ କରାଯାଇଛି। ଗତିଶୀଳତା (ଗଂଭସକ୍ଷସପ୍ତଚ) ଏବଂ ସୁଗମ୍ୟତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମୋଟ ୪୯ ଜଣ ହିତାଧିକାରୀଙ୍କୁ ହ୍ୱିଲଚେୟାର ଏବଂ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ବେଦାନ୍ତ ପକ୍ଷରୁ ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଜାମଖାନି, ଗିରିସିମା, ଝାରପଲମ, ମେଣ୍ଡ୍ରାର ଆର ଆଣ୍ଡ ଆର (ଜଢଜ) କଲୋନୀ, ଗର୍ଜନଜୋର, ବିଲିମୁଣ୍ଡା, ଛତାବର ଏବଂ ଘୋଘରପଲ୍ଲୀ ଆଦି ଅଂଚଳରେ ଅନୁଷ୍ଠିତ ହୋଇଥିଲା। ଏଠାରେ ଚିହ୍ନଟ ହୋଇଥିବା ହିତାଧିକାରୀମାନଙ୍କୁ ୧୯ଟି ହୁଇଲଚେୟାର ବଣ୍ଟନ କରାଯାଇଛି। ପୂର୍ବରୁ କୁରାଲୋଇ ଅଂଚଳରେ ମଧ୍ୟ ହିତାଧିକାରୀମାନଙ୍କୁ ସମାନ ଭାବରେ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ଗର୍ଜନଜୋର ପଚାଂୟତର ସରପଂଚ ସୁନନ୍ଦା କାଲୋ, ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) କର୍ମୀ, କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ସହାୟକ ଉପକରଣଗୁଡ଼ିକୁ ବଣ୍ଟନ କରାଯାଇଥିଲା। "ଆବଶ୍ୟକ ସହାୟତା ପ୍ରଦାନ କରି ଆମେ ଦିବ୍ୟାଙ୍ଗ ଏବଂ ବୟସ୍କ ସଦସ୍ୟମାନଙ୍କ ସୁଗମ୍ୟତାକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ସେମାନଙ୍କୁ ଅଧିକ ସ୍ୱାଧୀନ ଏବଂ ପରିପୂର୍ଣ୍ଣ ଜୀବନଯାପନ କରିବାରେ ସକ୍ଷମ କରିବ।" ସ୍ୱାଧୀନତା ଓ ଆତ୍ମବିଶ୍ୱାସ ମିଳିଲା: ଗିରିସିମା ଗାଁର ହିତାଧିକାରୀ କେଶବ ପୁରାଲେ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ଏହି ହୁଇଲଚେୟାର ତାଙ୍କ ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏବେ ପ୍ରତ୍ୟେକ କାର୍ଯ୍ୟ ଓ ଯାତାୟତ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର ନକରି ସେ ଅଧିକ ସ୍ୱାଧୀନତା ପାଇପାରିଛନ୍ତି। ଆଶା କର୍ମୀଙ୍କ ପ୍ରଶଂସା: ଗର୍ଜନଜୋର ନୂଆଡିହିର ଆଶା କର୍ମୀ ଦମୟନ୍ତୀ ନାୟକ ବେଦାନ୍ତର ଏହି ପ୍ରୟାସକୁ ପ୍ରଶଂସା କରି କହିଛନ୍ତି ଯେ,ଏହି ଉପକରଣ ଗୁଡ଼ିକ ଦିବ୍ୟାଙ୍ଗମାନଙ୍କ ଦୈନନ୍ଦିନ କାର୍ଯ୍ୟକଳାପକୁ ସହଜ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇଛି। କେବଳ ଉପକରଣ ବଣ୍ଟନ ନୁହେଁ, ବେଦାନ୍ତ ଆଲୁମିନିୟମ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଗଐଟ) ମାଧ୍ୟମରେ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୮ଟି ଗ୍ରାମରେ ସ୍ୱାସ୍ଥ୍ୟସେବା ପହଚାଂଇ ପାରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ୫୦,୦୦୦ରୁ ଅଧିକ ଶିଶୁଙ୍କ ସମେତ ୪,୦୦୦ ରୁ ଅଧିକ ବାସିନ୍ଦା ଉପକୃତ ହୋଇଛନ୍ତି। ଗତ ୩ ବର୍ଷ ମଧ୍ୟରେ ୩,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ୧,୦୦୦ରୁ ଅଧିକ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ଆୟୋଜନ କରାଯାଇଛି। ବେଦାନ୍ତ ଆଲୁମିନିୟମର କୋଇଲା ଖନନ କାର୍ଯ୍ୟକଳାପ ଆଖପାଖ ଅଂଚଳର ୨୬ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥାୟୀ ଜୀବିକା ଏବଂ ଭିତିଭୂମି ବିକାଶ ପରି ସାମାଜିକ ଉନ୍ନତିମୂଳକ ପ୍ରୟାସ ସକରାତ୍ମକ ପ୍ରଭାବ ପକାଇ ପାରିଛି।

## ତିହିଡ଼ିରେ ବନ୍ୟା ସ୍ଥିତିର ସମୀକ୍ଷା କଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭଦ୍ରକ/ ତିହିଡି,୧/୮(ନି/ପ୍ର): ଭଦ୍ରକ ଜିଲ୍ଲାର ବୈତରଣୀ ଓ ସାଳନ୍ଦୀ ନଦୀର ପ୍ରଳୟଙ୍କରୀ ବନ୍ୟାରେ ଧାମନଗର ଓ ତିହିଡ଼ିରେ ବନ୍ୟା ପରିସ୍ଥିତି ସଙ୍ଗୀନ ରହିଥିବା ବେଳେ ତିହିଡି ବ୍ଲକର ୧୫ ପଚାଂୟତ ଓ ଧାମନଗର ବ୍ଲକର ୩୦ ପଚାଂୟତ ଏବେ ଜଳବନ୍ଦୀରେ ରହିଛି। ଏହି ଦୁଇ ବ୍ଲକର ୨୧୫ ଗାଁ ଏବେ ବନ୍ୟା ଘେରରେ ରହିଛି। ତ୍ରିପାଠୀ ବିଭାଗୀୟ ଅଧୀକାରୀଙ୍କ ସହ ସମନ୍ୱୟ ରକ୍ଷା କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଜଳବନ୍ଦୀ ଲୋକଙ୍କ ପାଖରେ ଯେମିତି ଶୁଖୁଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ପାନୀୟ ଜଳ ପହଚିଂ ପାରିବ ସେନେଇ ପଦକ୍ଷେପ ନେଉଛନ୍ତି। ତା ସହ ଜଳମଗ୍ନ ଅଚଂଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡ଼ିକରେ ସାପ କାମୁଡ଼ା ଇଂଜେକସନ ଗଛିତ ରଖିବାକୁ



ଏହି ସବୁ ଅଚଂଳରେ ବନ୍ୟା ମୁକାବିଲା ପାଇଁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଗତ ୩ ଦିନ ହେଲା ବିଭିନ୍ନ ବନ୍ୟା ଅଚଂଳ ବୁଲିବା ସହ ବିପନ୍ନ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ମନ୍ତ୍ରୀଙ୍କ ଓଏସଡି ନୀତୀଶ ସମସ୍ତ ଅଧୀକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଉଛନ୍ତି। ଆଜି ତିହିଡି ବ୍ଲକର ବିଭିନ୍ନ ବନ୍ୟା ଅଚଂଳ ବୁଲିବା ପରେ ତିହିଡି ପଚାଂୟତ ସେମିତି କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ସମୀକ୍ଷା ବୈଠକ କରିଥିଲେ।

## ଜିଲ୍ଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କମିଟି ବୈଠକ



ଝାରସୁଗୁଡ଼ା,୧/୮(ନି/ପ୍ର) ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ଶିଳ୍ପ ଭିତିଭୂମିର ସମ୍ପ୍ରସାରଣ ଏବଂ ନୂତନ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ କେତେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। କମିଟି ପକ୍ଷରୁ ମୋଟ ୧୦୨.୪୨ କୋଟି ଟଙ୍କାର ବିଭିନ୍ନ ଶିଳ୍ପ ପ୍ରସ୍ତାବକୁ ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ନୂତନ ଶିଳ୍ପ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ରିଫ୍ରାକ୍ଟରୀ ସାମଗ୍ରୀ, ଇଣ୍ଡଷ୍ଟ୍ରିଆଲ୍ ଗ୍ୟାସ୍ ବୋତଲିଂ ୟୁନିଟ୍ ଏବଂ କାଚ ନିର୍ମାଣ (ଗ୍ଲାସ୍ ମାନୁଫାକ୍ଚରିଂ) କ୍ଷେତ୍ର ସହ ଜଡ଼ିତ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲ୍ଲାରେ ମୋଟ ୧୨୯୬ ଜଣ ବ୍ୟକ୍ତିଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ, ଯାହା ସ୍ଥାନୀୟ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ। ଉକ୍ତ ବୈଠକରେ ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଅରିନ୍ଦମ ପ୍ରଧାନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀଙ୍କ ପ୍ରତିନିଧି, ଇଡ଼କୋ ସମ୍ବଲପୁରର ବିଭାଗୀୟ ମୁଖ୍ୟ, ଝାରସୁଗୁଡ଼ା ତହସିଲଦାର, କୋଲାବିରା ତହସିଲଦାର ଏବଂ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜଳବନ୍ଦୀ ପରିବାରଙ୍କୁ ଉଦ୍ଧାର କରି ପ୍ରଶଂସାର ପାତ୍ର ସରପଂଚ

ବଲାଙ୍ଗିର,୧/୮(ନି/ପ୍ର): ବଲାଙ୍ଗିର ଜିଲ୍ଲାର ଧୁମାଭଟା ପଂଚାୟତରେ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀ ହୋଇପଡ଼ିଥିଲେ ଏକ ଗାଁର ୫ଟି ପରିବାର । ବର୍ଷା ପାଣି ଘର ଭିତରକୁ ପଶିଯିବାରୁ ସେମାନେ ବାହାରକୁ ଆସିପାରୁନଥିଲେ । ଏହି ଖବର ପାଇବାମାତ୍ରେ ଧୁମାଭଟା ସରପଂଚ ବନମାଳୀ ନାଏକ ଅଗ୍ନିଶମ ବିଭାଗ ସହ ଘଟଣାସ୍ଥଳରେ ପହଂଚି ଥିଲେ । ନିଜେ ଲାଇଫ୍ ଜ୍ୟାକେଟ୍ ପିନ୍ଧି ଅଂଟାଏରୁ ଅଧିକ ପାଣିରେ ପଶି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ସମସ୍ତ ୫ ପରିବାରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ସରପଂଚ ବନମାଳୀ ନାଏକଙ୍କ ଏହି ସାହସିକ ଓ ମାନବିକ ପଦକ୍ଷେପକୁ ନେଇ ଏବେ ସବୁଠି ପ୍ରଶଂସା ହେଉଛି । ସ୍ଥାନୀୟ ଲୋକଙ୍କ କହିବା କଥା— "ସରପଂଚ ହେବ ତ ଏମିତି" ।

## ଖରସ୍ରୋତାରେ ପ୍ରବଳ ବନ୍ୟା , କୋରାଇର ତିନି ପଂଚାୟତ ପ୍ରଭାବିତ

କୋରାଇ,୧/୮(ନି/ପ୍ର): ବୈତରଣୀରେ ବନ୍ୟାର ପ୍ରକୋପ କମିଥିବାବେଳେ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରର ଆଁ ଭିତରେ କୋରାଇ ବ୍ଲକର ତିନି ପଂଚାୟତ ତଣ୍ଡରା, ବଡ଼ବିରୁହାଁ ଓ ଗୋଳେଇପୁର ପଂଚାୟତ ଗଭୀର ଭାବେ ପ୍ରଭାବିତ ହୋଇଛି। ତଣ୍ଡରା ପଂଚାୟତର ବରେଇ ଓ ଫିରୋଜାବାଦ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ବଡ଼ବିରୁହାଁ ପଂଚାୟତର ଅନେକ ଗ୍ରାମରେ ପାଣି ପଶିଛି। ସେହିପରି ଗୋଳେଇପୁର ପଂଚାୟତର ଟିକର, ମକୁନ୍ଦିବିନ୍ଧା(ବଡ଼ତ୍ରୀଲୋଚନପୁର) ତେଲିଆ, କେଉଟନଗୁଆଁ, ମିର୍ଜାପୁର, ମସୁଦପୁର ଗ୍ରାମ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇଛି। ଉକ୍ତ ଗ୍ରାମଗୁଡ଼ିକ ବନ୍ୟା ପାଣିଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ତଣ୍ଡରା ପଂଚାୟତରେ ତିନିଟି ଘରର କାନ୍ଥ ଭାଙ୍ଗି ଯାଇଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଅସ୍ଥାୟୀ ଭାବେ ପଲିଥିନ ଯୋଗାଇ ଦିଆଯାଇଛି। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଗୋଳେଇପୁର ପଂଚାୟତର ସରପଂଚ ସସ୍ମିତା ମାଝୀ, ତଣ୍ଡରା ସରପଂଚ ମାମୁନୀ ମହାନ୍ତି, ବଡ଼ବିରୁହାଁ ସରପଂଚ ତପନ କୁମାର ମାଝୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ବନ୍ୟା ପରିଚାଳନାରେ ସହଯୋଗ କରୁଛନ୍ତି। କିଛି ଲୋକମାନେ ଜଳଘେରରୁ ବାହାରି ରାସ୍ତା କଡ଼ରେ ଗୃହପାଳିତ ପଶୁମାନଙ୍କୁ ନେଇ ରହୁଛନ୍ତି। ମକୁନ୍ଦବିନ୍ଧା ଓ ଟିକର ପୋଲ ତଳ ଆଶ୍ରୟସ୍ଥଳ ପାଲଟିଛି।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀଙ୍କ ଜଳବନ୍ଦୀ ଅଂଚଳ ପରିଦର୍ଶନ

ବଲାଙ୍ଗୀର,୧/୮(ନି/ପ୍ର):ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ବଲାଙ୍ଗୀର ଲୋଇସିଂହାର ବିଭିନ୍ନ ଅଂଚଳରେ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀରେ ପ୍ରଭାବିତ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଜଳବନ୍ଦୀ ଲୋକଙ୍କ ନିକଟରେ ପହଂଚି ସେମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି। ଗସ୍ତ ସମୟରେ ମନ୍ତ୍ରୀ ଜଳମଗ୍ନ ଅଂଚଳ ପାଦରେ ଚାଲି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ବିପଦପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ସେ ପ୍ରଭାବିତ ଲୋକଙ୍କ ପାଖରେ ପହଂଚି ସେମାନଙ୍କ ଦୈନନ୍ଦିନ ସମସ୍ୟା, ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ପ୍ରଭାବିତ ଲୋକମାନେ ଯେପରି ସହାୟତାରୁ ବଂଚିତ ନହୁଅନ୍ତି, ସେଥିପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କ ସହ ସର୍ବଦା ଛିଡ଼ା ହୋଇ ରହିଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଗସ୍ତ ସମୟରେ ଉପସ୍ଥିତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ମନ୍ତ୍ରୀ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରଭାବିତ ଅଂଚଳରେ ପର୍ଯ୍ୟାପ୍ତ ପରିମାଣର ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଏବଂ ରୋଗ ନିରାକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀମାନେ ମନ୍ତ୍ରୀଙ୍କୁ ନିଜ ମଧ୍ୟରେ ପାଇ ସେମାନଙ୍କ ବିଭିନ୍ନ ସମସ୍ୟା ଜଣାଇଥିଲେ। ମନ୍ତ୍ରୀ ସେମାନଙ୍କ ଅଭିଯୋଗ ଓ ଆବଶ୍ୟକତା ଧୈର୍ଯ୍ୟର ସହ ଶୁଣି ସମ୍ଭବ ଶୀଘ୍ର ସମାଧାନ ପାଇଁ ପ୍ରଶାସନକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପୁଇଁତଲା ବ୍ଲକର କୁଳେରବାହାଳୀ, ଲସ୍ତଲା, ଲୋଇସିଂହା ବ୍ଲକର ସେମେଲମୁଣ୍ଡା, ଲୋଇସିଂହା, ଆଗଲପୁର ବ୍ଲକର ଡୁଙ୍ଗୁରିପାଲି, ରଫାଖାଲ, ବିନ୍ଧାପାଲି, କଣ୍ଢିପାଲି, ବାଇଗଣଖାରି ଛକ, ବାବୁଫାସଡ଼, ଲାଟସର ଗାଁ ବୁଲି ଦେଖିଛନ୍ତି। ତାଙ୍କର ଏହି ଗସ୍ତବେଳେ ଜିଲ୍ଲାପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ।

## ପୋଲିସର କଡ଼ା ନଜରରେ ମହାନଦୀର ଚାଉଁରପୁର ବ୍ରିଜ

ସମ୍ବଲପୁର,୧/୮(ନି/ପ୍ର): ପ୍ରତି ବର୍ଷ ହୀରାକୁଦ ଜଳଭଣ୍ଡାରରୁ ବନ୍ୟା ପାଣି ଛାଡିବା ପରେ ମହାନଦୀ ଶଯ୍ୟାରେ ଏହି ଲୋଭନୀୟ ଦୃଶ୍ୟର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ସମ୍ବଲପୁର ସହରାଂଚଳରେ ଥିବା ଚାଉଁରପୁର ବ୍ରିଜରେ ହଜାର ହଜାର ସଂଖ୍ୟାରେ ଲୋକ ମାନଙ୍କର ସମାଗମ ହୋଇଥାଏ । ମାତ୍ର ଏହି ଖୁସିର ମାହୋଲକୁ ଗତ କିଛି ବର୍ଷଧରି କିଛି ମାନସିକ ବିକାର ଗ୍ରସ୍ତ ବ୍ୟକ୍ତି ବିଶେଷ ଚାଉଁରପୁର ସେତୁକୁ 'ସୁଇସାଇଡ୍ ପଏଂଟ ଭାବେ ପରିଚିତ କରାଇ ଆସୁଥିଲେ । ଚଳିତ ବର୍ଷ ଜନୈକା ୧୪ ବର୍ଷର ନାବାଳିକା ଚାଉଁରପୁର ସେତୁରୁ ଡେଇଁ ଆତ୍ମହତ୍ୟା କରିଥିବା ବେଳେ କିଛି ଦିନର ବ୍ୟବଧାନରେ ଆଉଜଣେ ମାନସିକ ବିକାରଗ୍ରସ୍ତ ଯୁବକ ଅଗ୍ନିଶମ ଓ ଓଡ୍ରାଫ ଟିମ୍ କେତେ ସମୟ ବ୍ୟବଧାନରେ ଉଦ୍ଧାର କରିପାରୁଛି ତାହା ଜାଣିବା ପାଇଁ ଚାଉଁରପୁର ବ୍ରିଜ୍ ରୁ ଡେଇଁ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରାଇଥିଲେ । ଚାଉଁରପୁର ବ୍ରିଜରୁ ଡେଇଁ ଆତ୍ମହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣାକୁ ନେଇ ବ୍ରିଜର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ା ଲଗାଇବା ପାଇଁ କିଛି ସଚେତନ ନାଗରିକ ଓ ବୁଦ୍ଧିଜୀବି ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ । ହେଲେ ମହାନଦୀ ଉପରେ ଏତେ ବଡ଼ ବ୍ରିଜର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡା ଲଗାଇବା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ଏଥିନିମନ୍ତେ ଜନ ସଚେତନତା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ତଥାପି ସୁରକ୍ଷିତ ଭାବେ ଚାଉଁରପୁର ବ୍ରିଜରୁ ବନ୍ୟା ପାଣି ଦେଖି ଫେରିଯିବାରେ କୌଣସି କିଛି କଟକଣା ନଥିଲେ ମଧ୍ୟ, ଅନାବଶ୍ୟକ ଭାବେ ବ୍ରିଜ୍ ଉପରେ ଗାଡ଼ି ମୋଟର ରଖି ଆଡ୍ଡା ମାରିବା ଓ ସନ୍ଦେହ ଜନକ ଅବସ୍ଥାରେ କୌଣସି ବ୍ୟକ୍ତି ବିଶେଷ ଚିହ୍ନଟ ହେଲେ ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏବେ ଚାଉଁରପୁର ବ୍ରିଜ୍ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିବା ଆରମ୍ଭ କରିଛି । ବ୍ରିଜ୍ ଉପରେ ଏକ ଇଆରଭି ଗାଡ଼ି ମୁତୟନ ରହିବା ସହ କିଛି ଦକ୍ଷ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରା ଯାଇଥିବା ଦେଖିବାକୁ ମିଳିଛି ।

## ସମ୍ବଲପୁର-କିସିଣ୍ଡା ମୁଖ୍ୟରାସ୍ତା ମରଣଯନ୍ତା ମରାମତି ଦାବିରେ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,୧/୮(ନି/ପ୍ର) :ସମ୍ବଲପୁର-କିସିଣ୍ଡା ମୁଖ୍ୟ ରାସ୍ତା ଦୀର୍ଘ ଦିନ ଧରି ଖାଲଖମାରେ ରହିଆସିଛି। ହେଲେ ଚଳିତ ଲଗାଣ ବର୍ଷାରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟି ଯାଇଛି । ଆଖପାଖ ଗ୍ରାମାଂଚଳରୁ ସମସ୍ତ ସଂଯୋଗୀ କରଣ ରାସ୍ତା ମୁଖ୍ୟରାସ୍ତା ସହ ସଂଯୋଗ ହେଉଥିବା ବେଳେ ମୁଖ୍ୟ ରାସ୍ତାରେ ବର୍ଷା ପାଣିର କୃତ୍ରିମ ହ୍ରଦ ସାଧାରଣ ଚଳାଚଳରେ ପ୍ରତିବନ୍ଧକ ସାଜିଛି । ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା କେବଳ ଭାରିଯାନକୁ ଛାଡ଼ିଦେଲେ ଛୋଟଛୋଟ ଯାନବାହାନ ତଥା ବାଇକ୍ ଓ ସାଇକେଲରେ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଏହି ରାସ୍ତା ଦେଇ ଚଳାଚଳ କରୁଥିବା ବେଳେ ଖାଲଖମା କାରଣରୁ ବାରମ୍ବାର ଦୁର୍ଘଟଣା ଘଟିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ, ଦୁଇଚକିଆ ଚାଳକ ଓ ସ୍ଥାନୀୟ ବ୍ୟବସାୟୀମାନେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ରାସ୍ତା ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ ରାସ୍ତା ମରାମତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ସ୍କୁଲ୍ କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଡାକ୍ତରଖାନାକୁ ଯିବାପାଇଁ ସାଧାରଣ ରୋଗୀ ଓ ପ୍ରସୂତି ରୋଗୀଙ୍କ ପାଇଁ ଏହିରାସ୍ତା ଏକ ମରଣଯନ୍ତା ପାଲଟିଛି । ଏଥିପାଇଁ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାର ମରାମତି କରାନଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକେ କଡ଼ା ଚେତାବନୀ ଦେଇଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ



ଝାରସୁଗୁଡ଼ା,୧/୮(ନି/ପ୍ର) :ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ତହସିଲ ଅନ୍ତର୍ଗତ ତିନୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଏହାର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ମାଚିଦା ସ୍ଥିତ ଜାମୁନାଳ ପ୍ରକଳ୍ପ, ଅତାବିରା ଏବଂ ପାଲସଦାକୁ ଯାଇ ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ସ୍ଥିତି ଯାଂଚ କରିଥିଲେ । ପ୍ରତ୍ୟେକ ପ୍ରକଳ୍ପ ସ୍ଥଳରେ ଜିଲ୍ଲାପାଳ ସ୍ଥାନୀୟ ଗ୍ରାମବାସୀ ଓ ଚାଷୀମାନଙ୍କ ସହ କଥାବାର୍ତ୍ତା କରିଥିଲେ । ଜଳର ଉପଲବ୍ଧତା, ଅଂଚଳରେ ଜଳସେଚନ ସୁବିଧା, କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଚାଷ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଥିଲେ । ଚାଷୀମାନେ ଜଳସେଚନ କ୍ଷେତ୍ରରେ ପାଉଥିବା ସୁବିଧା ଓ ଅସୁବିଧା ବିଷୟରେ ନିଜ ନିଜର ଅନୁଭୂତି ଜଣାଇଥିଲେ । ଜିଲ୍ଲାପାଳ ସମସ୍ତ ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ଜଳସେଚନ ସେବାରେ ସୁଧାର ଆଣିବା ଏବଂ ଚାଷ ସମୟରେ ନିୟମିତ ଓ ସମୟାନୁବର୍ତ୍ତୀ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପରିଦର୍ଶନ ସମୟରେ ଲଖନପୁରର ଅତିରିକ୍ତ ତହସିଲଦାର ଶ୍ରୀ ଅଜିତ କୁମାର ମହାନ୍ତ, କତରବଗା ଆର.ଆଇ. ଏବଂ ସ୍ଥାନୀୟ ପଂଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ସମସ୍ୟା ସମାଧାନ ଦିଗରେ ହାକାଥାନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧/୮(ନି/ପ୍ର) : କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ହାକଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ପୂର୍ବାହ୍ନରେ ପୀତବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର କୁମାର ପରିଡ଼ା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଜିଲ୍ଲାର ଉଚ୍ଚମାଧ୍ୟମିକ ବିଦ୍ୟାଳୟମାନଙ୍କ ମଧ୍ୟରୁ ୧୮ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଇଟି ଭୁବନେଶ୍ୱର ପ୍ରଫେସର ନରେଶ କୁମାର ସାହୁ ଯୋଗ ଦେଇଥିଲେ ।

## ପୂର୍ବତନ ପ୍ରଧାନ ଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କର ବିୟୋଗ

ବଲାଙ୍ଗୀର, ୧/୮(ନି/ପ୍ର) :ବଲାଙ୍ଗୀର ପ୍ରତିତପାବନ ଏକାଡେମୀର ପୂର୍ବତନ ପ୍ରଧାନ ଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କର ଗତ ବୁଧବାର ରାତି ପ୍ରାୟ ୨ଟା ୪୫ମିନିଟ ସମୟ ରେ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ପୀଡ଼ିତ ଥିଲେ। ତେବେ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଂଚାଇବା ସମ୍ଭବ ହୋଇନଥିଲା। ସ୍ୱର୍ଗତ ପଣ୍ଡା ଜଣେ ମେଳାପୀ, ମିଷ୍ଟଭାଷୀ, ସରଳ ସ୍ୱଭାବର ବ୍ୟକ୍ତି ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଆଜି ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଶ୍ରୀ ପଣ୍ଡାଙ୍କ ବରପାଲିପଡ଼ା ସ୍ଥିତ ବାସଭବନରେ ବହୁ ଲୋକଙ୍କ ଭିଡ଼ ଜମିଥିଲା। ମୃତ୍ୟୁଶଯ୍ୟାରେ ତାଙ୍କର ତିନିପୁତ୍ର ଶ୍ରୀମନ୍ତ, ସୁଶାନ୍ତ ଓ ସୁଜିତ, ପୁତ୍ରବଧୂ, ନାତି ନାତି ନାତୁଣୀ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷର ଶିକ୍ଷକତା ଜୀବନ ମଧ୍ୟରେ ସେ ଶିକ୍ଷାସେବାକୁ ବୃତି ନୁହେଁ ବ୍ରତ ଭାବରେ ଗ୍ରହଣ କରିଥିଲେ। ଏକଦା ଅନୁଶାସନ, ସମୟାନୁବର୍ତ୍ତିତା ଓ ଶିକ୍ଷାର୍ଥୀର ଚରିତ୍ର ଗଠନକୁ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବା ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ଜଣେ ଶିକ୍ଷକ ଭାବରେ ଓ ପରବର୍ତ୍ତୀ ସମୟରେ ଜଣେ ପ୍ରଧାନ ଶିକ୍ଷକ ଭାବରେ ସମସ୍ତଙ୍କ ପ୍ରିୟ ଓ ପୂଜ୍ୟ ବଙ୍କା ଆଜ୍ଞା ଅଗଣିତ ଛାତ୍ରମାନଙ୍କ ହୃଦୟରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ି ଚାଲି ଯାଇଛନ୍ତି। ୧୯୭୧ ମସିହାରେ ପିପି ଏକାଡେମୀରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀ ପଣ୍ଡା ୨୦୦୭ ମସିହାରେ ଶିକ୍ଷକତାରୁ ଅବସର ନେଇଥିଲେ। ତାଙ୍କ ଆବର୍ତ୍ତମାନରେ ତାଙ୍କୁ ଝୁରି ହେଉଛି ତାଙ୍କର କର୍ମମୟ ଜୀବନର ମୂକସାକ୍ଷୀ ପତିତପାବନ ଏକାଡେମୀ। ଶିକ୍ଷକତା ଜୀବନରେ ଅନେକ ସଫଳ ମଣିଷ ଗଢ଼ିଥିବା ବାଙ୍କା ଆଜ୍ଞାଙ୍କ ପରଲୋକରେ ୧୯୮୯ ପିପି ଏକାଡେମୀ ମେଟ୍ରିକ ବ୍ୟାଚ୍‌ର ପୁରାତନ ଶିକ୍ଷାର୍ଥୀମାନଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରତିତପାବନ ଏକାଡେମୀରେ ଦୀର୍ଘ ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ସେ ଉନ୍ନତମାନର ଶିକ୍ଷା ପ୍ରଦାନ ଏବଂ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ଛାତ୍ରଛାତ୍ରୀ, ସହକର୍ମୀ, ଶିକ୍ଷାବିତ୍ ଓ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।




# ପଚାଂୟତିରାଜ, ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ

## କ୍ଷେତ୍ର ପରିଦର୍ଶନ କରିବା ସହ ଜିଲ୍ଲା ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକ



ସୁନ୍ଦରଗଡ଼,୧/୮(ନି/ପ୍ର): ରାଜ୍ୟ ପଚାଂୟତିରାଜ ଓ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ତିନି ଦିନିଆ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହିତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ବୈଠକ କରିଥିଲେ। ଆଜି ପ୍ରଥମେ ସଦର ବ୍ଲକ୍ ଅର୍ନ୍ତଗତ ଭସ୍ମା ଅଚଂଳ ଗସ୍ତ କରି ସେଠାକାର ନିର୍ମାଣଧୀନ ଜଳ ବିଶୋଧନ ପ୍ଲାଂଟ ପ୍ରକଳ୍ପର କାର୍ଯ୍ୟକାରିତା ତଥା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ଏହି ଅବସରରେ ଶ୍ରୀ ଭରଦ୍ୱାଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି, କାର୍ଯ୍ୟାନ୍ୱୟନ ଏବଂ ଫଳପ୍ରଦତା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ବିଶେଷ କରି ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବା ସହିତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ଆନୁଷଙ୍ଗିକ ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଗ୍ରାମିଣ ହିତାଧିକାରୀଙ୍କ ଘରେ କିପରି ଟ୍ୟାପ ଜଳ ପହଚିଂ ପାରିବ ସେ ନେଇ ଆଲୋଚନା କରଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ଓ ୱାଟକୋର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ଏବଂ ବିଶେଷ କରି ପରିମଳ ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଭିନ୍ନିଭୂମି, ସ୍ମାର୍ଟ କ୍ଲାସ ରୁମ୍, ପି ଏମ ଶ୍ରୀ ବିଦ୍ୟାଳୟ ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଟି ପି ଡବ୍ଲୁ ଓ ଡି ଏଲ, ଜିଲ୍ଲା ମଙ୍ଗଳ ବିଭାଗ, ସମସ୍ତ ଆଇ. ଟି.ଡି. ଏ., ସମବାୟ ଆଦି ଅନ୍ୟାନ୍ୟ ବିଭାଗ ଗୁଡ଼ିକର ବିଭିନ୍ନ ପ୍ରକଳ୍ପ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଅର୍ନ୍ତଗତ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ମତାମତ ମଧ୍ୟ ପ୍ରଦାନ କରିଥିଲେ। ଶେଷରେ ଶ୍ରୀ ଭାରଦ୍ୱାଜ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସମୟୋପଯୋଗୀ ଓ ସୁନିଶ୍ଚିତ ଭାବେ ପହଚିଂପାରିବ, ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଟିଏମ୍ ଭାଙ୍ଗି ଲୁଟ୍ ଅଭିଯୋଗରେ ରାଉରକେଲା ପୋଲିସ୍ ଦ୍ୱାରା ୧ ଗିରଫ



ରାଉରକେଲା,୧/୮(ନି/ପ୍ର): ଜୁଲାଇ ୩୧ ତାରିଖ ଦିନ ୧୨ଟା ୧୫ ସମୟରେ ଅଭିଯୋଗକାରୀ ଭାସ୍କର ଘାସି (୩୬) (ଏଟିଏମର ସିଆରଏ) ବିଶ୍ରା ଥାନାରେ ଅଭିଯୋଗ କରିଥିଲେ ଯେ ୩୧.୦୭.୨୦୨୬ ତାରିଖ ସକାଳେ ସେ ସୂଚନା ପାଇଥିଲେ ଯେ ପୂର୍ବ ରାତିରେ ଜଣେ କୌଣସି ଅଜଣା ଅପରାଧୀ ଜରେଇକେଲାର ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍ କାଉଟଂର ଭାଙ୍ଗିଛନ୍ତି। ସୂଚନା ପାଇବା ପରେ ସେ ତାଙ୍କ ସହକର୍ମୀ କମଳାକାନ୍ତ ବାରିକଙ୍କ ସହିତ ଜରେଇକେଲା ଏଟିଏମ୍ କାଉଟଂରକୁ ଯାଇଥିଲେ ଏବଂ ସେଠାରେ ଦେଖିଥିଲେ ଯେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍ କାଉଟଂର ଭଙ୍ଗା ହୋଇଛି। ପରବର୍ତୀ ସମୟରେ ଯେତେବେଳେ ସେ ଭଲ ଭାବରେ ଯାଚଂ କଲେ, ସେମାନେ ଦେଖିଥିଲେ ଯେ ଏଟିଏମ୍ ସିଲିଂ, ଦ୍ୱାର ଏବଂ ବୈଦ୍ୟୁତିକ ବୋର୍ଡ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତାପରେ ସେମାନେ ଉକ୍ତ ଏଟିଏମ୍ କାଉଟଂର ଖୋଲିଲେ ଏବଂ ଯାଚଂ ସମୟରେ ଦେଖିଥିଲେ ଯେ ସେଠାରେ ଟଙ୍କା ଥିଲା। ଇଞ୍ଜଗ ମେସିନ ଭିତରେ ୨୧,୪୪,୮୦୦ଟଙ୍କା (ଟଙ୍କା ୫୦୦/- ଘ ୩୨୨୦ ନମ୍ବର, ଟଙ୍କା ୨୦୦/- ଘ ୧୯୯୫ ନମ୍ବର, ଟଙ୍କା ୧୦୦/-ଘ ୧୪୩୮ ନମ୍ବର)ର ଟଙ୍କା ଥିଲା। ତାପରେ ସେମାନେ ଏହି ଘଟଣା ବିଷୟରେ ସେମାନଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଶ୍ରା ଥାନାରେ ପହଚିଂ ଥିଲେ। ବିଶ୍ରା ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତ ଝାଡଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର ମନୋହରପୁର ଥାନା ଅନ୍ତର୍ଗତ ମହୁଲଡିହା ଗ୍ରାମର ଶୁଭମ୍ ମାହାତୋ (୨୨)ଙ୍କୁ ଗିରଫ କରାଯାଇଛି। ଏଥିସହିତ ଅଭିଯୁକ୍ତ ଶୁଭମ୍ ମାହାତୋ ନିକଟରୁ ନଗଦ ୮୩୦୦ ଟଙ୍କା, ଗୋଟିଏ ଲୁହା ରଡ୍, ଦୁଇଟି କିପ୍ୟାଡ୍ ମୋବାଇଲ୍ ମଧ୍ୟ ଜବତ୍ କରାଯାଇଥିବା ବିଶ୍ରା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଶୁଭମ୍ ମାହାତୋ (୨୨) ବିରୁଦ୍ଧରେ ପୂର୍ବରୁ ବିଶ୍ରା ଥାନାରେ ଦୁଇଟି, ଗୋଏଲକେରା ଥାନାରେ ଗୋଟିଏ, ମନୋହରପୁର ଥାନାରେ ୪ଟି ଏବଂ ଆନନ୍ଦପୁର ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ବିରୁଦ୍ଧରେ ବିଶ୍ରା ଥାନାର ବିଏନ୍ଏସ୍୩୩୧(୪)/୩୦୫(ଏ)/୬୨/୩୨୪(୫) ଦଫାରେ କେସ୍ ନମ୍ବର ୧୮୬/୩୧.୭.୨୦୨୬ ତାରିଖରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଅନ୍ୱେଷାର ୧୨୭ ତମ ମାଗଣା ହାଟ କାର୍ଯ୍ୟକ୍ରମ



ରାଉରକେଲା,୧/୮(ନି/ପ୍ର): ସାମାଜିକ ଅନୁଷ୍ଠାନ ଅନ୍ୱେଷା ତରଫରୁ ୧୨୭ ତମ ମାସିକିଆ ମାଗଣା ହାଟ ୯ନମ୍ବର ୱାର୍ଡ ବାସନ୍ତୀ କଲୋନୀର ଦୁର୍ଗାପୁର ସ୍ଥିତ କୁଷ୍ଠ କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଅନୁଷ୍ଠାନର ଏଭଳି ଅନନ୍ୟ କାର୍ଯ୍ୟକ୍ରମ ପାଇଁ ସାଧୁବାଦ୍ ଦେଇଥିଲେ। ଆଜିର ଏହି ହାଟ କାର୍ଯ୍ୟକ୍ରମରେ ସର୍ବଶ୍ରୀ ବିରଚିଂ ନାରାୟଣ ପଟ୍ଟନାୟକ, ଅର୍ଚ୍ଚନା ସାହୁ,ମୀଲନ କୁମାରୀ ପଣ୍ଡା, ସୁନିଲ ସମ୍ପପୁରିଆ, ରଶ୍ମିତା ପଣ୍ଡା, ଧନଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ କଲୋନୀର କିଛି ଅନ୍ତେବାସୀଙ୍କୁ ଛତା ଓ ପୋଷାକ ପତ୍ର ବଟଂନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ କଲୋନୀର ସଭାପତି ବଂଶୀ ନାଏକ,କୁମ ବିଶ୍ୱାଳ ଓ ନନ୍ଦିନୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ରାଉରକେଲାରେ ପ୍ରସ୍ତୁତି ବୈଠକ



ରାଉରକେଲା,୧/୮(ନି/ପ୍ର): ୮୦ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷ ଠାରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ ରାଉରକେଲାଠାରେ ମହାସମାରୋହ ଭାବରେ ସ୍ୱାଧୀନତା ଦିବସ ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଆଜିର ଏହି ବୈଠକ ରେ ଆନୁଷଙ୍ଗିକ ବ୍ୟବସ୍ଥା, ଯଥା ପ୍ୟାରେଡ ପଡିଆରେ ସାଜସଜ୍ଜା, ସଫେଇ, ପାନୀୟ ଜଳ ଯୋଗାଣ, ଅଭ୍ୟାସ ପ୍ୟାରେଡ , ଟ୍ରାଫିକ ନିୟନ୍ତ୍ରଣ, ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ବ୍ୟବସ୍ଥା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ରାଉରକେଲା ମହାନଗର ନିଗମ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନଙ୍କୁ ଏହି କାର୍ଯ୍ୟ ସମ୍ପାଦନା ଉପରେ ଗୁରୁତ୍ୱ ଦେବା ପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୧୫ଅଗଷ୍ଟ ଦିନ ପ୍ରାତଃକାଳ ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକ ବାଜି ଯନ୍ତ୍ର ଯୋଗେ ସକାଳ ୫ ଘଟିକା ସମୟରେ ରାମଧୂନ ପରିବେଷଣ କରାଯିବା ସହ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସକାଳ ୬ ଘଟିକା ପ୍ରଭାତ ଫେରୀ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସକାଳ ୭.୩୦ ମିନିଟ ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନମାନଙ୍କରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉନ୍ତୋଳନ କରାଯିବ। ସ୍ଥାନୀୟ ଉଦିତନଗର ପଡିଆ ଠାରେ ସକାଳ ୯.୧୫ ଘଟିକା ସମୟରେ ମୁଖ୍ୟ ଅତିଥି ଜାତୀୟ ପତାକା ଉନ୍ତୋଳନ କରିବେ ଏବଂ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିବେ। ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ଯ ଅନୁଷ୍ଠିତ ହେବ। ଏହି ଅବସର ରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ , ହାଇସ୍କୁଲ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଂଗୀତ ଗାନ ଆଦି ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଗଲା। ବିଭିନ୍ନ କ୍ଷେତ୍ର ରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସହ ସ୍ୱାଧୀନତା ଦିବସ ଉପଲକ୍ଷେ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଏହା ବ୍ଯତୀତ କାରାଗାର ଓ ଆରଜିଏଚ ରେ ମିଷ୍ଟାନ ଓ ଫଳ ବ[ନ କରିବାର ମଧ୍ୟ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ମହାନଗର ନିଗମ ର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ସହିତ ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ମାର୍ଶାଘାଇରେ ଘରୋଇ କଳିରୁ ରକ୍ତାକ୍ତ କାଣ୍ଡ, ୩ ଗୁରୁତର

କେନ୍ଦ୍ରାପଡ଼ା,୧/୮(ନି/ପ୍ର): ମାର୍ଶାଘାଇ ଥାନା ଅନ୍ତର୍ଗତ ମଣିକୁଣ୍ଡା ଗ୍ରାମରେ ଘରୋଇ କଳିରୁ ଏକ ଅଭାବନୀୟ ଘଟଣା ଘଟିଛି। ପଡୋଶୀଙ୍କ ଆକ୍ରମଣରେ ଏକ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି।ଅଭିଯୋଗ ମୁତାବକ, ମଣିକୁଣ୍ଡା ଗ୍ରାମର ଗଙ୍ଗାଧର ସ୍ୱାଇଁଙ୍କ ସହ ତାଙ୍କ ପଡୋଶୀ ଜିତେନ୍ଦ୍ରଙ୍କ ପରିବାରର ପୂର୍ବରୁ ବିବାଦ ଲାଗି ରହିଥିଲା। ଆଜି ଗଙ୍ଗାଧର ନିଜ ବାଡ଼ିରୁ ଅନାବନା ଗଛ ସଫା କରୁଥିବା ସମୟରେ ଜିତେନ୍ଦ୍ର ଓ ତାଙ୍କ ପରିବାର ଲୋକେ ଆସି ତାଙ୍କ ଉପରେ କୋଦାଳରେ ଆକ୍ରମଣ କରିଥିଲେ।ଏହି ଆକ୍ରମଣରେ ଗଙ୍ଗାଧର ସ୍ୱାଇଁ, ତାଙ୍କ ପତ୍ନୀ ଏବଂ ଝିଅ ଗୁରୁତର ଭାବେ ଆହତ ହୋଇଛନ୍ତି। ପରେ ସମ୍ପର୍କୀୟମାନେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଛନ୍ତି। ଏନେଇ ପୀଡିତ ପରିବାର ପକ୍ଷରୁ ମାର୍ଶାଘାଇ ଥାନାରେ ଏତଲା ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୧/୮(ନି/ପ୍ର): ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୪ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ ଯୋଗେ ଗସ୍ତ କରିବେ। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶୁକ୍ରବାର ଦିନ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଜିପି ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ କାର୍ଯ୍ୟକ୍ରମ ସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଂଚ ଓ ଆଂଟି-ସାବୋଟାଜ୍ ଯାଂଚ ସହ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରେଳ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସମଗ୍ର ରେଳପଥରେ ପାଟ୍ରୋଲିଂ ଜୋରଦାର କରାଯିବ ଏବଂ ସମସ୍ତ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷାକର୍ମୀ ନିୟୋଜିତ ରହିବେ। ପ୍ଲାଟଫର୍ମ ଡ୍ୟୁଟିରେ ରହିବାକୁ ଥିବା ରେଳବାଇ କର୍ମଚାରୀଙ୍କୁ ପୂର୍ବରୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ଡ୍ୟୁଟି ପାସ୍ ପ୍ରଦାନ କରାଯାଉଛି।

# ଯୁଗୀଯୁଗେନ ବନ୍ଧ ନିର୍ମାଣ ଅଭିସନ୍ଧିକୁ ପ୍ରବଳ ବିରୋଧ



## ଜଳସେଚନ ଅଫିସ ଘେରିଲା ସଂଗ୍ରାମ ସମିତି

ସୁନ୍ଦରଗଡ଼,୧/୮(ନି/ପ୍ର): 'ଆମର ଗାଁ, ଆମର ମାଟି, ନଜର ପକାଲେ ମାରମୁ ଲାଠି'। ତଳସରା ବିଧାନସଭା କ୍ଷେତ୍ର ସବଡ଼େଗା ବ୍ଲକ୍ ହମିରପୁର ପଚାଂୟତରେ ସରକାରଙ୍କ ଯୁଗୀଯୁଗେନ ବୃହତ୍ ବନ୍ଧନିର୍ମାଣ ମସୁଧାକୁ ଘୋର ବିରୋଧ କରି ସଂଗ୍ରାମ ସମିତିର ଏହି ନାରା ଆଜି ସୁନ୍ଦରଗଡ଼ ସହରରେ ଗର୍ଜି ଉଠିଛି। ବନ୍ଧ ବିରୋଧରେ ସବଡେଗା ଅଚଂଳର ଶହଶହ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ଜଳସେଚନ ଅଫିସ ଆଗରେ ଭିକ୍ଷୋଭ କରିଛନ୍ତି। ରାସ୍ତାକୁ ଲୋକେ ଅବରୋଧ କରିଥିବାରୁ ଶଙ୍କରା ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଛି । ଏହି ଅବସରରେ ଆନ୍ଦୋଳନକାରୀ ଅନେକ ପ୍ରଶ୍ନ ଉଠାଇଛନ୍ତି। ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇ ଓ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଯୁଗୀଯୁଗେନ ବନ୍ଧ ନିର୍ମାଣର କୌଣସି ଯୋଜନା ନାହିଁ, ଏହା ଏକ ଗୁଜବ କହି ଲୋକଙ୍କୁ ଭ୍ରମିତ କରିଥିବାବେଳେ ଭିତରେ ଭିତରେ ବନ୍ଧ ନିର୍ମାଣ ନେଇ ପ୍ରସ୍ତୁତି ଚଳାଇଥିବା ଅଭିଯୋଗ କରି ଆନ୍ଦୋଳନକାରୀ ବିଭାଗକୁ ଜବାବ ମାଗିଛନ୍ତି। ଯଦି ବନ୍ଧ ନିର୍ମାଣର ଯୋଜନା ନାହିଁ ବିଭାଗ ସେ ଅଚଂଳରେ ସର୍ବେକ୍ଷଣ କରିଛି କାହିଁକି, ସରକାରଙ୍କୁ ଏ ସମ୍ପର୍କରେ ବିଭାଗ କି ରିପୋର୍ଟ ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। କୌଣସି ସ୍ଥିତିରେ ଯୁଗୀଯୁଗେନ ବନ୍ଧ ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି ସମିତି କହିଆସୁଥିବା ବେଳେ ତେଲିଯୋର ଠାରେ ବନ୍ଧ କରାଯାଉ ବୋଲି ଦାବି ରଖିଛନ୍ତି। ସଂଗ୍ରାମ ସମିତି ଦର୍ଶାଇଆସୁଛି ଯେ, ତେଲିଯୋର ପ୍ରକଳ୍ପରେ ୩୧୧୭ ହେକ୍ଟର ଜମି, ୬ଟି ଗାଁ ଆଂଶିକ ବୁଡ଼ିବ ୧୦୭୧୦୭୮୩ ହେକ୍ଟର ଜମି, ୧୦ଟି ଗାଁ ସମ୍ପୂର୍ଣ୍ଣ ଓ ୨୦ଟି ଗାଁ ଆଂଶିକ ବୁଡ଼ିବ ଓ ୪୦ ହଜାର ଲୋକ ବିସ୍ଥାପିତ ହେବେ ଏସ୍ଥିତିରେ ୯.୧୦.୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ତଳସରା କ୍ଷେତ୍ରର ୪ ହଜାର ଲୋକଙ୍କ ସ୍ୱାକ୍ଷରରେ ତେଲିଯୋର ବନ୍ଧ ନିର୍ମାଣ ପାଇଁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଏପରିକି ବିଭାଗୀୟ ପ୍ରକ୍ରିୟା ମଧ୍ୟରେ ଏ ପ୍ରସ୍ତାବ କେନ୍ଦ୍ର ଜଳସମ୍ପଦ ବିଭାଗକୁ ଅନୁମୋଦନ ପାଇଁ ପଠାଯାଇଥିଲା। କିନ୍ତୁ ପରବର୍ତୀ ସମୟରେ ତାକୁ ବାଦ୍ ଦେଇ ହଠାତ୍ ଯୁଗୀଯୁଗେନ ବନ୍ଧ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଚର୍ଚ୍ଚା ରହିଛି। ଏପରିକି ନଦୀ ସର୍ବେକ୍ଷଣ, ଜଙ୍ଗଲ ଜମି ଚିହ୍ନଟ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ରହିଛି। ୨୦୨୩ରୁ ବନ୍ଧ ନିର୍ମାଣ ପାଇଁ ଅତିଗୋପନରେ ସର୍ବେକ୍ଷଣ କାମ ସାରି ଦିଆଯାଇଥିବାବେଳେ ସୁନ୍ଦରଗଡ଼ ଜଳସେଚନ ବିଭାଗ ପ୍ରସ୍ତାବିତ ନଦୀବନ୍ଧ ସମ୍ପର୍କରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଏକ ରିପୋର୍ଟ ଦେଇଛନ୍ତି। ଯେଉଁଥିରେ ବନ୍ଧପାଇଁ ସର୍ବେକ୍ଷଣ ଆରମ୍ଭ ହୋଇଥିବା ଓ ଆରମ୍ଭରୁ କେହି ବିରୋଧ କରି ନଥିବାବେଳେ ଏବେ ଯୁଗୀ ଯୁଗେନ ସଂଗ୍ରାମ ସମିତି ବିରୋଧ କରୁଥିବା ଉଲ୍ଲେଖ କରଛନ୍ତି। ଯାହାକୁ ସମିତି ତୀବ୍ର ବିରୋଧ କରିଛି।

# ଆରଏସପି ଦ୍ୱାରା କିଶୋରୀ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ



ରାଉରକେଲା, ୧/୮(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସି.ଏସ.ଆର ବିଭାଗ ସହଯୋଗରେ ଇସ୍ପାତ ଜେନେରାଲ ହସ୍ପିଟାଲ ଦ୍ୱାରା ଜୁଲାଇ ୩୦ ତାରିଖରେ ବିଶ୍ରା ବ୍ଲକ୍‌ର ସରକାରୀ ଉଚ୍ଚ ବିଦ୍ୟାଳୟ, ଝିରପାଣିଠାରେ ଏକ କିଶୋର ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଗର୍ଭାଶୟ ଗ୍ରୀବା କର୍କଟ ଉପରେ ବିଶେଷ ଧ୍ୟାନ ଦେଇ କିଶୋରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ ସୁସ୍ଥ ଜୀବନଶୈଳୀ ଅଭ୍ୟାସକୁ ଉତ୍ସାହିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରୁ ବିଦ୍ୟାଳୟ ଏବଂ ଆଖପାଖ ଅଚଂଳର ପ୍ରାୟ ୧୫୦ ଜଣ ଏଥିରେ ଲାଭାନ୍ୱିତ ହୋଇଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ.ଆର ) ଶ୍ରୀ ବି. ମଲ୍ଲିକ, ବରିଷ୍ଠ ଚିକିତ୍ସା ଅଧିକାରୀ (ଓ ଆଣ୍ଡ ଜି) ଡାକ୍ତର କୁମାରୀ ପ୍ରିୟା ଏବଂ ଶିଶୁରୋଗ ବିଶେଷଜ୍ଞଙ୍କ ଏକ ଟିମ୍ ଉପସ୍ଥିତ ଥିଲେ। ସର୍ଭିକାଲ କର୍କଟ ବିରୋଧରେ ଏକ ପ୍ରଭାବଶାଳୀ ନିବାରକ ପଦକ୍ଷେପ ଭାବରେ ହ୍ୟୁମାନ୍ ପାପିଲୋମାଭାଇରସ୍ (ଏଚ.ପି.ଭି) ଟିକାକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ସମୟୋପଯୋଗୀ ଟିକାକରଣର ଗୁରୁତ୍ୱ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସୂଚନା ଦିଆଯାଇଥିଲା ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲ ରେ ଏଚ.ପି.ଭି ଟିକା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ଅଭିଯାନ ଯୋଗ୍ୟ କିଶୋରୀ ଏବଂ ସେମାନଙ୍କ ପରିବାରକୁ ଏହି ସୁବିଧାର ଲାଭ ଉଠାଇବାକୁ ଏବଂ ସର୍ଭିକାଲ କର୍କଟ ରୋକିବା ଦିଗରେ ଏକ ସକ୍ରିୟ ପଦକ୍ଷେପ ନେବାକୁ ଉତ୍ସାହିତ କରିଥିଲା। ଏହି ଶିବିରରେ କିଶୋର ସ୍ୱାସ୍ଥ୍ୟର ପ୍ରମୁଖ ଦିଗଗୁଡ଼ିକ ଯେପରିକି ମାନସିକ ସୁସ୍ଥତା, ପୋଷଣ, ଋତୁସ୍ରାବ ସ୍ୱଚ୍ଛତା, ନିଶାଦ୍ରବ୍ୟ ସେବନରୁ ନିବୃତ ରହିବା, ବ୍ୟକ୍ତିଗତ ସ୍ୱଚ୍ଛତା, ଜୀବନଶୈଳୀ ସମ୍ବନ୍ଧୀୟ ରୋଗ, ରକ୍ତହୀନତା, ଶାରୀରିକ ସୁସ୍ଥତା ଏବଂ ଭାବନାତ୍ମକ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ କିଶୋରୀମାନଙ୍କୁ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ଖୋଲାଖୋଲି ଭାବରେ ଆଲୋଚନା କରିବାକୁ ଏବଂ ଏକ ଗୋପନୀୟ ଓ ସହାୟକ ପରିବେଶରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପରେ ପରାମର୍ଶ ନେବାକୁ ଏକ ମଚଂ ପ୍ରଦାନ କରିଥିଲା। ଏହି ପଦକ୍ଷେପ ଜନସ୍ୱାସ୍ଥ୍ୟ ଏବଂ ରୋଗ ନିବାରଣ ସଚେତନତା, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ, ସେଲ୍, ଆର.ଏସ.ପି ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।